## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୩।୨୦୨୫

| | |
|---|---|
| ୫,୪୮,୦୧୫ ଟଙ୍କା | |
| ସୁନା | ୪.୪୦୦ ଗ୍ରାମ୍ |
| ରୁପା | ୧୬.୪୦୦ ଗ୍ରାମ୍ |

# ଜିଲ୍ଲାର ୪.୧୩ଲକ୍ଷ ମହିଳାଙ୍କୁ ୨ୟ କିସ୍ତି ସୁଭଦ୍ରା ଟଙ୍କା

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶନିବାର ପୂର୍ବାହ୍ନରେ ତାଳବଣିଆ ପଡ଼ିଆଠାରେ ଜିଲାର ୪,୧୩,୫୭୫ ମହିଳାଙ୍କୁ ଦ୍ୱିତୀୟ କିସ୍ତି ସୁଭଦ୍ରା ଅର୍ଥ ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ ମହିଳା ଦିବସରେ ସମସ୍ତ ମା'ମାନଙ୍କୁ ପ୍ରଣାମ ଓ ଶୁଭେଚ୍ଛା ଜଣାଇଥିଲେ। ମା'ର ତ୍ୟାଗ ଓ ସଂଘର୍ଷର ଶେଷ ନ ଥାଏ। ନିଜ ମା'ଙ୍କ ସଂଘର୍ଷକୁ ଅନୁଭବ କରି ପ୍ରଧାନମନ୍ତ୍ରୀ ମା'ମାନଙ୍କ କଷ୍ଟ ଲାଘବ ଓ ଆର୍ଥିକ ସ୍ୱାବଲମ୍ବୀ ପାଇଁ ଅନେକ ଯୋଜନା କରିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ପାଇଁ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ ଯୋଜନା। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ କହିଛନ୍ତି, ସ୍ୱଳ୍ପ ସଞ୍ଚୟ ବଡ଼ ହେବାରେ ସାହାଯ୍ୟ କରେ ଏହା ପିଲାଦିନୁ ମା'ମାନେ ଆମକୁ ଶିଖାଇ ଥାଆନ୍ତି। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ସୁଭଦ୍ରା ଯୋଜନା ଅର୍ଥର ସଫଳ ବିନିଯୋଗ ପାଇଁ ଅନୁରୋଧ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସୁଭଦ୍ରା ଯୋଜନାରେ ଜିଲାର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ବରହମ୍ପୁରରୁ ଅନ୍‌ଲାଇନ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୦୦୦ରୁ ଊର୍ଦ୍ଧ୍ୱ ମା'ମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଏମ୍‌ପି ସମ୍ବିତ୍ ପାତ୍ର, ବିଧାୟକ ସୁନୀଲ ମହାନ୍ତିଙ୍କ ସମେତ ଅନ୍ୟ ଅତିଥିମାନେ ।



ଚକ୍ରତୀର୍ଥ ବେଳାଭୂମି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ୧୦,୨୭୯ ମକଦ୍ଦମା ଫଇସଲା

### ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଲୋକଅଦାଲତରେ ୧୦,୨୭୯ଟି ମକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୪,୨୨,୧୩,୧୭୭ ଟଙ୍କା ଆଦାୟ କରାଯାଇଛି। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲା ଦୌରାଜଜ ଚିନ୍ମୟୀ ଦେହୁରି, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଶୋଭନ କାନୁନ୍‌ଗୋ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୋନାଲୀ ଅପରାଜିତା, ଦେୱାନୀ ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଗ୍ରାମ୍ୟ ନ୍ୟାୟାଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତନ୍ମୟ ରଞ୍ଜନ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶିଶିର କୁମାର ଭୋଇ, ଶିବାନୀ ମହାପାତ୍ର ପ୍ରମୁଖ ମାମଲାଗୁଡ଼ିକର ଫଇସଲା କରିଥିଲେ। ଲୋକ ଅଦାଲତରେ ୬୩ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୩କୋଟି ୩୬ ଲକ୍ଷ ୯୬ ହଜାର ଟଙ୍କା ଆଦାୟ କରାଯାଇଛି। ଏହାଛଡା ୧୨୨ ଗୋଟି ପ୍ରାକ ମକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦକୁ ୨୮ଲକ୍ଷ ୮ହଜାର ୯୯୦ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲା କାରାଗାରର କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷଗୁଡ଼ିକର ଷ୍ଟଲ ପ୍ରଦର୍ଶିତ ହୋଇଥିଲା।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ପିପିଲି,୮।୩(ଦୁର୍ଗା ମାଧବ ମିଶ୍ର)

ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅଧୀନ ଏକ ମଦ ଦୋକାନ ନିକଟରେ ଜଣେ ଯୁବକଙ୍କୁ ମଦ ବୋତଲରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁବଳପୁର ଗ୍ରାମର ଭାସ୍କର ପ୍ରଧାନ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ହୁମର ଗ୍ରାମର ସୁନୀଲ କୁମାର ପରିଡ଼ା ଓରଫ ମଣ୍ଟୁ(୩୨) ସାତଶଙ୍ଖ ମଦ ଦୋକାନ ନିକଟରେ ବସିଥିଲେ। ଏହି ସମୟରେ ଭାସ୍କରଙ୍କ ସମେତ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସୁନୀଲଙ୍କୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସୁନୀଲଙ୍କ ଭାଇ ଅନିଲ କୁମାର ପରିଡ଼ା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

# ବଡ଼ଦାଣ୍ଡ ସେବା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ପୁରୀ,୮।୩( ଅଜିତ୍ କୁମାର ମହାନ୍ତି)

ସେବା ଅନୁଷ୍ଠାନ ବଡ଼ଦାଣ୍ଡ ସେବା ପକ୍ଷରୁ ଶ୍ରୀଜଗନ୍ନାଥବଲ୍ଲଭ ଏବଂ ବେଣ୍ଟ ପୋଖରୀକୁ ପରିଷ୍କାର କରାଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଏବଂ ବେଣ୍ଟ ପୋଖରୀ ମହାପ୍ରଭୁଙ୍କ ନୀତିକ୍ରାନ୍ତି ସହ ଜଡ଼ିତ। ମାତ୍ର ପବିତ୍ର ସ୍ଥାନକୁ ପରିଷ୍କାର କରାଯାଉ ନାହିଁ। ଫଳରେ ପୋଖରୀ ଚାରିପାଖରେ କୁଡ଼କୁଡ଼ ଅଳିଆ ପଡ଼ିରହୁଛି। ଏଥିସହ ବଲ୍ଲଭ ପରିସରରେ ଥିବା ବିଭିନ୍ନ ଦେବଦେବୀଙ୍କ ପ୍ରତିମୂର୍ତ୍ତି ନିକଟରେ ଲୋକମାନେ ପରିସ୍ରା କରୁଛନ୍ତି। ପ୍ରଶାସନ ପକ୍ଷରୁ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ବଲ୍ଲଭ ପରିସରକୁ ପ୍ରତିଦିନ ପର୍ଯ୍ୟଟକ ତଥା ଭକ୍ତ ଆସୁଥିବା ବେଳେ ଏଠାରେ କୌଣସି ଶୌଚାଳୟ କିମ୍ବା ପାନୀୟ ଜଳର ସୁବିଧା ନାହିଁ। ସନ୍ଧ୍ୟା ହେଲେ ନିଶାଡ଼ିଙ୍କ ଆଡ୍ଡା ସ୍ଥାନ ପାଲଟୁଛି ବୋଲି ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କରାଯାଇଛି। ସଫେଇ କାର୍ଯ୍ୟକ୍ରମରେ ପିଙ୍କି କିନ୍ନର, ରାମ ହାଲଦାର୍, ନାରାୟଣ ରାୟ ସିଂ, ଲକ୍ଷ୍ମୀପ୍ରିୟା ପାଢ଼ୀ, ଜଗନ୍ନାଥ ପାଢ଼ୀ, ଆଲୋକ ବାରିକ୍, ସୂର୍ଯ୍ୟକାନ୍ତ ନାୟକ ଓ ମନୋଜ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀକ ମହିଳା ଦିବସ




ଅନ୍ତର୍ଜାତୀୟ ମହିଳା ଦିବସରେ ମଞ୍ଚାସୀନ ଅତିଥି ।

କୋଣାର୍କ,୮।୩(ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ମହିଳା ଦିବସ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ବିଡିଓ ଛବିରାଣୀ ସାହୁ, ନିମାପଡ଼ା ବିଡିଓ ଅଭିଜିତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ଏମ୍‌ପିଙ୍କ ପ୍ରତିନିଧି ମିନଲତା ମହାନ୍ତି, ସିଡିପିଓ ମିନାକ୍ଷୀ ସାହୁ ଓ ମୁଖ୍ୟବକ୍ତା ଭାବେ ଡିଏସ୍‌ଡବ୍ଲୁ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇଥିଲେ। ଜାତିସଂଘ ପକ୍ଷରୁ ୧୯୭୭ରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ଏହାକୁ ପ୍ରଥମେ 'ଅନ୍ତର୍ଜାତୀୟ କର୍ମଜୀବୀ ମହିଳା ଦିବସ' କୁହାଯାଉଥିବାବେଳେ ପରବର୍ତ୍ତୀ ସମୟରେ ଜାତିସଂଘ ଅନୁମୋଦନ କ୍ରମେ ସେଥିରୁ 'କର୍ମଜୀବୀ' ଶବ୍ଦଟିକୁ ବାଦ୍ ଦିଆଯାଇଥିଲା। ବ୍ଲକ ସ୍ତରରୁ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରମୋଦିନୀ ମିଶ୍ର, ଶକୁନ୍ତଳା ବାରିକ, ସୂର୍ଯ୍ୟକାନ୍ତିଙ୍କୁ ପୁରୀ ବେଷ୍ଟ ୱାର୍କର ଆୱାର୍ଡ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କଲ୍ୟାଣ ମଣ୍ଡପ ପରିସରରେ ଏହି ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଣପଦା ଇଡିସି ନୂତନ ସଭାପତି ଭାବେ ସୁବାସ ବେଉରା ନିର୍ବାଚିତ

କୋଣାର୍କ, ୮।୩ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ବାଣପଦା-ଡାଳିମ୍ବଗୋରଡି ଇଡିସି କମିଟିର ସଭାପତି ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ବନାଚଞ୍ଚ ଅଧିକାରୀ ସୁଦର୍ଶନ ଦେହୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ନିର୍ବାଚନରେ ୧୬୦ ଜଣ ମହିଳା ଓ ପୁରୁଷ ସଭ୍ୟ ଉପସ୍ଥିତ ରହି ମତଦାନ ସାବ୍ୟସ୍ତ କରିଥିଲେ। ନିର୍ବାଚନରେ ସୁବାସ ବେଉରା ୮୬ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୁନା ନାୟକ ୭୪ ଖଣ୍ଡ ଭୋଟ ପାଇଛନ୍ତି। ସୁବାସ ଅଧିକ ୧୨ ଖଣ୍ଡ ଭୋଟ ପାଇ ବାଣପଦା-ଡାଳିମ୍ବଗୋରଡି ଇଡିସି କମିଟିର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ପ୍ରକାଶ କରିଛନ୍ତି। ନୂତନ ସଭାପତି ବେଉରାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଶ୍ରୀରାମ ମନ୍ଦିର ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟ୍ ଘଟଣା: ଜଣେ ଗିରଫ

ପିପିଲି,୮।୩(ଦୁର୍ଗାମାଧବ ମିଶ୍ର)

ପିପିଲି ଥାନା ଅଧୀନ କଣ୍ଟି ବଜାର ଛକ ନିକଟସ୍ଥ ଶ୍ରୀରାମ ମନ୍ଦିରର ଦାନବାକ୍ସକୁ ଭାଙ୍ଗି ଟଙ୍କା ଚୋରି ହୋଇଥିବା ଘଟଣାରେ ପିପିଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଡେଲାଙ୍ଗ ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମର ସନ୍ତୋଷ କୁମାର ମଲ୍ଲିକ ଓରଫ୍ ବାନା। ପୋଲିସ ତାଙ୍କଠାରୁ ୫୫, ୫୦୦ ଟଙ୍କା ଜବତ କରିଛି। ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଦାନବାକ୍ସ ଭାଙ୍ଗି ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇ ଦାନବାକ୍ସକୁ ମନ୍ଦିର ପଛରେ ଫିଙ୍ଗି ଦେଇଥିଲେ। ଏନେଇ ମନ୍ଦିର କମିଟି ସଭାପତି ଶରତ ଚନ୍ଦ୍ର ପରିଡ଼ା ପିପିଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୨୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ବିଭିନ୍ନ ବର୍ଗରେ ଆର୍ଯ୍ୟନ୍, ବୈଷ୍ଣବୀ, ଦିୱାନଶୁ, ତେଜଲ ପ୍ରଥମ

### ୩ୟ ଏନ୍‌ଟିପିସି ସର୍ବଭାରତୀୟ ର୍ୟାଙ୍କିଙ୍ଗ ତୀରନ୍ଦାଜୀ ଉପକନିଷ୍ଠ ପ୍ରତିଯୋଗିତା

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ତୃତୀୟ ଏନ୍‌ଟିପିସି ସର୍ବଭାରତୀୟ ର୍ୟାଙ୍କିଙ୍ଗ ତୀରନ୍ଦାଜୀ ଉପକନିଷ୍ଠ ପ୍ରତିଯୋଗିତାର ଦ୍ୱିତୀୟ ଦିନ ସମସ୍ତ ନକ୍‌ଆଉଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରିକର୍ଭ ବାଳକ ବିଭାଗରେ ଉତ୍ତରପ୍ରଦେଶର ଆର୍ଯ୍ୟନ୍ ରାନା ତାମିଲନାଡୁର ସ୍ୱରନ ସର୍ବେଶଙ୍କୁ ହରାଇ ପ୍ରଥମ, ସର୍ବେଶ ଦ୍ୱିତୀୟ, ମେଘାଳୟର ଦେବରାଜ ମହାପାତ୍ର ରାଜସ୍ଥାନର ହନି କୁମାୱତଙ୍କୁ ହରାଇ ତୃତୀୟ ଏବଂ ହନି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ରିକର୍ଭ ମହିଳା ବିଭାଗରେ ମହାରାଷ୍ଟ୍ରର ବୈଷ୍ଣବୀ ମହେଶ କୁଲକର୍ଣ୍ଣୀ ହରିୟାଣାର ତମନ୍ନା ଗୁଲିୟାଙ୍କୁ ହରାଇ ପ୍ରଥମ, ତମନ୍ନା ଦ୍ୱିତୀୟ, ହରିୟାଣାର ଅନକୁ ଝାଡ଼ଖଣ୍ଡର ସୁରଭି ପାଲଙ୍କୁ ହରାଇ ତୃତୀୟ ଏବଂ ଓ ସୁରଭି ଚତୁର୍ଥ ସ୍ଥାନ ହାସଲ କରିଥିଲେ। କମ୍ପାଉଣ୍ଡ ବାଳକ ବିଭାଗରେ ଝାଡ଼ଖଣ୍ଡର ଦିୱାନଶୁ ସିଂ ଚଣ୍ଡୀଗଡ଼ର ହର୍ଷ କୁମାରଙ୍କୁ ହରାଇ ପ୍ରଥମ, ହର୍ଷ କୁମାର ଦ୍ୱିତୀୟ, ରାଜସ୍ଥାନର ପ୍ରଧୁମ୍ନ ଯାଦବ ଝାଡ଼ଖଣ୍ଡର ରାଜ ଛଉରଙ୍କୁ ହରାଇ ତୃତୀୟ ଏବଂ ରାଜ ଛଉର ଚତୁର୍ଥ ସ୍ଥାନରେ ରହିଥିଲେ। କମ୍ପାଉଣ୍ଡ ବାଳିକା ବିଭାଗରେ ମହାରାଷ୍ଟ୍ରର ତେଜଲ ରାଜେନ୍ଦ୍ର ସାଲ୍‌ଭେ ପଶ୍ଚିମବଙ୍ଗର ପ୍ରାପ୍ତି ବଟବ୍ୟାଲଙ୍କୁ ହରାଇ ପ୍ରଥମ, ପ୍ରାପ୍ତି ବଟବ୍ୟାଲ ଦ୍ୱିତୀୟ, ହରିୟଣାର ଏକତା ରାନୀ ତାମିଲନାଡୁର ସାଧନାଙ୍କୁ ହରାଇ ତୃତୀୟ ଏବଂ ସାଧନା ଚତୁର୍ଥ ସ୍ଥାନ ପାଇଛନ୍ତି। ସମସ୍ତ ପ୍ରଥମ ସ୍ଥାନ ହାସଲକାରୀଙ୍କୁ ୧୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ହାସଲକାରୀଙ୍କୁ ୭,୫୦୦, ତୃତୀୟ ସ୍ଥାନ ହାସଲକାରୀଙ୍କୁ ୬ହଜାର ଏବଂ ଚତୁର୍ଥ ସ୍ଥାନ ହାସଲକାରୀଙ୍କୁ ୪, ୫୦୦ ଟଙ୍କା ଲେଖାଏ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଭୁବନେଶ୍ୱର ସୈନିକ ସ୍କୁଲର ଅଧ୍ୟକ୍ଷ କର୍ଣ୍ଣେଲ ବାଲୁ ଭରତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରୂପଭାନୁ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

## ମାଲ ବୋଝେଇ ଗାଡ଼ି ଧକ୍କାରେ ଚାଳକ ଗୁରୁତର

ଯୋଗେଶ୍ୱରପୁର,୮।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିର ଶିଙ୍ଗପାନିଆଁ ଗ୍ରାମ ମୁଣ୍ଡରେ ଗୁରୁବାର ବିଳମ୍ବିତ ରାତିରେ ଏକ ମାଲ ବୋଝେଇ ଗାଡ଼ି ଧକ୍କାରେ ମିନିଟ୍ରକ୍ ଭାଙ୍ଗିଯାଇଛି। ଚାଳକଙ୍କୁ ରକ୍ତାକ୍ତ ଅବସ୍ଥାରେ ନୟାହାଟ ଫାଣ୍ଡି ଅଧିକାରୀ ବୁଲୁ ସେଠୀ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇଥିଲେ। ଉକ୍ତ ମିନି ଟ୍ରକ୍ (ଓଡି ୦୨ ସିଏଫ୍ ୪୫୮୬) ଅସ୍ତରଙ୍ଗ ଅଭିମୁଖେ ଆସୁଥିବାବେଳେ ବିପରୀତ ପଟୁ ଏକ ମାଲ ବୋଝେଇ ଗାଡ଼ି ତାକୁ ଧକ୍କା ଦେଇଥିଲା।

# ସାମାଜିକ ସଂଗଠନ 'ଦି ବେଲ୍'ର ଅର୍ପଣ କାର୍ଯ୍ୟକ୍ରମ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଜିଲା ସ୍ୱେଚ୍ଛାସେବୀ ସଂଗଠନ ଦି ବେଲ୍ ଓମେନ୍ସ କ୍ଲବ୍, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାବାର୍ଡ ମିଳିତ ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ଅବସରରେ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ସବୁକ୍ଷେତ୍ରରେ ଆଗୁଆ ଥିଲେ ମଧ୍ୟ ରକ୍ତଦାନ, ଅଙ୍ଗଦାନ ଓ ଚକ୍ଷୁଦାନ କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ କମ୍ ଭାଗୀଦାରିତା ଦେଖାଇଥାନ୍ତି। ଅନୁଷ୍ଠାନ ତରଫରୁ ରକ୍ତଦାନ ଓ ଚକ୍ଷୁଦାନ ପାଇଁ ପୁରୀ ଷ୍ଟେଟ ବ୍ୟାଙ୍କ ହଲିଡେ ହୋମ୍‌ଠାରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୦ ଜଣ ଚକ୍ଷୁଦାନ କରିବା ସହିତ ୫୫ ଜଣ ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ନାବାର୍ଡର ଡିଷ୍ଟ୍ରିକ୍ଟ ଡେଭଲପ୍‌ମେଣ୍ଟ ମ୍ୟାନେଜର ସସ୍ମିତା ପୃଷ୍ଟି ଓ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବରିଷ୍ଠ ସହାୟକ ଶେଖର କୁମାର ସାହୁ, ଷ୍ଟେଟ୍ ବ୍ୟାଙ୍କ ଉପଶାଖା ପ୍ରବନ୍ଧକ ରାଜେଶ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନାବାର୍ଡ ସହାୟତାରେ ଉଦ୍ୟୋଗ ଆରମ୍ଭ କରି ସଫଳ ହୋଇଥିବା ୧୦ ଜଣ ଗ୍ରାମୀଣ ମହିଳାଙ୍କୁ ନାବାର୍ଡ ତରଫରୁ ସମ୍ମାନିତ କରାଯାଇଥିଲା। ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମହିଳାଙ୍କ ସେବା ମନୋଭାବ ପ୍ରତି ଏକ ସମର୍ପିତ ଉଦ୍ୟମ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା ପରିଚାଳନା କରିଥିବା ବେଳେ ବେଲ୍ ଓମେନ୍ସ କ୍ଲବ୍ ସମ୍ପାଦିକା ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ।




ସାମାଜିକ ସଂଗଠନ ଦି ବେଲ୍‌ର ଅର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ ।

# ମହିଳା ସଶକ୍ତ ହେଲେ ଦେଶ, ରାଜ୍ୟ ବିକଶିତ ହେବ

### ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ନିମାପଡ଼ା, ୮।୩(ବିଚିତ୍ରାନନ୍ଦ ସାହୁ)

ମହିଳାମାନେ ସଶକ୍ତ ହେଲେ ଦେଶ ଓ ରାଜ୍ୟ ବିକଶିତ ହେବ। ମହିଳାଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ଦୃଢ଼ସଂକଳ୍ପବଦ୍ଧ ବୋଲି ନିମାପଡ଼ା ଏନ୍ଏସି ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସମାରୋହରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ରାଜକିଶୋର ସାହୁ, ଅନସୂୟା ପାଣି, କବିତା ପ୍ରଧାନ, ଟିଙ୍କିନ ପଣ୍ଡା, କବିତା ତରାଉ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏନ୍ଏସି ପକ୍ଷରୁ ବିଶିଷ୍ଟ ମହିଳା ସାମାଜିକ କର୍ମୀ ମୀନଲତା ମହାନ୍ତି, ୧୪ ଜଣ ସଫେଇ କର୍ମଚାରୀ, ଜଣେ ଏସ୍‌ସିସିଙ୍କୁ ପୁଷ୍ପଗୁଚ୍ଛ ଓ ଶାଢ଼ି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନ୍ୟପକ୍ଷରେ ନିମାପଡ଼ା ବିଜେଡି ପକ୍ଷରୁ ସ୍ଥାନୀୟ ଏକ କଲ୍ୟାଣମଣ୍ଡପଠାରେ ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ଦିଲୀପ ନାୟକ, ବିଶିଷ୍ଟ ଯୁବନେତା ଦିଲୀପ ପାତ୍ର, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ଟିଙ୍କିନା ପଣ୍ଡା, ଯୁବନେତା ମାନସ ପ୍ରଧାନ, ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ଅଜୟ ଭୋଇ, ମହିଳା ନେତ୍ରୀ ସରିତା ମହାପାତ୍ର, ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ମହିଳାମାନେ।

**ସାକ୍ଷୀଗୋପାଳ, (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)**– ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟ ଏକ ମଣ୍ଡପରେ ସାଧନା ଫାଉଣ୍ଡେଶନ ଭୁବନେଶ୍ୱର ଓ ଓଡ଼ିଶା ସ୍ୱର୍ଣ୍ଣରୌପ୍ୟ ମହାସଂଘ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ସତ୍ୟବାଦୀର ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇ ନିଜ ହସ୍ତଶିଳ୍ପ କଳା, ଚାନ୍ଦୁଆ, କତାରେ ନିର୍ମିତ କଣ୍ଢେଇ, ଘର ସଜାଇବା ସାମଗ୍ରୀ ଆଦି ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଆୟୋଜିତ ସଭାରେ ଅତିଥିମାନେ ମହିଳାଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ଆଦି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

**ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)**– ଗୋପ ଜଳସମ୍ପଦ ଡାକ ବଙ୍ଗଳା ପରିସରରେ ଏସ୍‌ସିଏସ୍‌ଟି ଅଧିକାର ଫାଉଣ୍ଡେଶନ ସଙ୍ଗଠନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୋପ ସରପଞ୍ଚ ସୁଲୋଚନା ଦାସ, ବିବେକାନନ୍ଦ ବାରିକ, ନୃସିଂହନାଥ ନନ୍ଦ, ଜୈମିନ ବଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶତାଧିକ ମହିଳାଙ୍କୁ ନେଇ ଶଙ୍ଖ, ହୁଳହୁଳି, କାନ୍ଦଣା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମର ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବର୍ଗରେ ଭାଗ ନେଇ କୃତ କାର୍ଯ୍ୟ ହୋଇଥିବା ମହିଳାଙ୍କୁ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

**ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା)**– ଅସ୍ତରଙ୍ଗ ବ୍ଲକ ପରିସରରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ, ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳାଙ୍କ ପ୍ରେରଣାର ଉତ୍ସ ଛୁରିଆନା ପଞ୍ଚାୟତ ଅଣକଣା ଗ୍ରାମର ଲିପିନା ବେହେରାଙ୍କୁ ସ୍ୱାବଲମ୍ବୀ ମହିଳା ଭାବେ ଉପଢୌକନ ସହ ଅର୍ଥରାଶି ପୁରସ୍କୃତ କରାଯାଇଥିଲା।

**କୋଣାର୍କ, (ଜ୍ୟୋତିରାଜ ମହାନ୍ତି)**– ଲୋଟସ ରିସୋର୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଆଇଓଏଫ୍ ପରିସରରେ କୋଣାର୍କ ଫୁଡ୍ କୋର୍ଟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନ୍ଏସି ଓ ଆଇଓଏଫ୍‌ର ସ୍ୱଚ୍ଛତା କାର୍ଯ୍ୟରେ କାର୍ଯ୍ୟରତ ମହିଳାଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଏଥିସହ ଫୁଡ୍ କୋର୍ଟଠାରେ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲୋଟସ ରିସୋର୍ଟର ସୁନୀଲ ପାଣିଗ୍ରାହୀ, ପ୍ରଭୁଦତ୍ତ ଦାସ, ଧୀରେନ ଆଚାର୍ଯ୍ୟ, ରାଜୀବ ନାୟକ, ଜିତେନ୍ଦ୍ର ଜେନା, ପ୍ରଦୀପ ମଣ୍ଡଳ, ଅଭିମନ୍ୟୁ ମାନ୍ୟଲୁ ପ୍ରମୁଖ ପରିଚାଳନା କରିଥିଲେ।

**ଡେଲାଙ୍ଗ, (ରଶ୍ମିରଞ୍ଜନ ପ୍ରଧାନ)**– ଡେଲାଙ୍ଗ ବ୍ଲକର ପିଢପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଗମ୍ବର ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ପାଠୀ, ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ମୁନିଦା ବିଦ୍ୟାଳୟ ଶିକ୍ଷକ ଅଶୋକ ପ୍ରଧାନ ଉପସ୍ଥିତ ଥିଲେ। ନାରୀ ନିର୍ଯାତନା, ମହିଳା ସଶକ୍ତୀକରଣ, ବାଲ୍ୟବିବାହ ନିରାକରଣ, ନାରୀ ସ୍ୱାଧୀନତା, ନାରୀ ସଂଯମତା, ସମାଜରେ ନାରୀ ଓ ପୁରୁଷର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ ପରିସରରେ ରେଡ୍ ରିବନ କ୍ଲବ ଓ ରେଡକ୍ରସ୍ ୟୁନିଟ୍ ଆନୁକୂଲ୍ୟରେ ଏଡ୍‌ସ ସମାଜ ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସରୋଜ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# 'ନିର୍ମାଣ'ରେ ବିଶ୍ୱ ମହିଳା ଦିବସ

ବାଲକାଟୀ,୮।୩(ମନୋଜ ମଣ୍ଡଳ)

ବାଲକାଟୀସ୍ଥିତ ନିର୍ମାଣ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍‌ର ଅଡିଟୋରିୟମରେ ଶନିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ସଧେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସଂଳାପ ଲେଖକ ଡ. ରଜନୀରଞ୍ଜନ ଦାଶ ଯୋଗଦେଇ ସମାଜରେ ମହିଳାଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୨୫ ଜଣ ମହିଳାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାସୁଦେବ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# 'ଅତ୍ୟାଚାର ବନ୍ଦ ପାଇଁ ମହିଳାମାନେ ଐକ୍ୟବଦ୍ଧ ସଂଗ୍ରାମ କରନ୍ତୁ'

## ଉତ୍କଳ ମହିଳା ସମିତିର ଶୋଭାଯାତ୍ରା, ସମାବେଶ

ଭୁବନେଶ୍ୱର,୮।୩(ସୁଚିସ୍ମିତା ସାହୁ)




ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଉତ୍କଳ ମହିଳା ସମିତି ପକ୍ଷରୁ ଶନିବାର ଶୋଭାଯାତ୍ରା ଓ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନ ଛକରୁ ପ୍ରଥମେ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକରେ ପହଞ୍ଚିଥିଲା। ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ରାଜମହଲ ଛକରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭା ହେବାପରେ ୟୁନିଟ୍-୬ରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ରୀତା ରାୟ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ଉପରେ ବଢୁଥିବା ଅତ୍ୟାଚାର, ଆକ୍ରମଣ, ଲିଙ୍ଗଗତ ବୈଷମ୍ୟ ଓ ସମାନ ଅଧିକାରରୁ ବଞ୍ଚିତ କରିବା ଘଟଣାକୁ ବିରୋଧ କରିଥିଲେ। ଏଭଳି ଅତ୍ୟାଚାରକୁ ରୋକିବା ପାଇଁ ମହିଳାମାନେ ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ଆହ୍ୱାନ ସେ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁମତି ନାୟକ କହିଲେ, ନାରୀମାନେ ସଶକ୍ତ ହୋଇ ଲଢ଼େଇ କରନ୍ତୁ। ଏଥିସହ ସମାଜରେ ନିଜେ ନିଜର ରକ୍ଷାକବଚ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ଉପଦେଷ୍ଟା ବନଲତା ଜେନା ପତାକା ଉତ୍ତୋଳନ କରିଥିବାବେଳେ ସଙ୍ଗଠନ ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ ସଭାପତିତ୍ୱ କରିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଚଳା ଦାସ, ଆଶା ସଙ୍ଗଠନର ରାଜ୍ୟ ସମ୍ପାଦିକା ନମିତା ସାହୁ, ଉପସଭାନେତ୍ରୀ ସରୋଜିନୀ ଆଚାର୍ଯ୍ୟ ଏବଂ ଉପସଭାନେତ୍ରୀ ଭାନୁମତୀ ରେଡ୍ଡି ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ନିଜ ଅଧିକାର ପାଇଁ ନିଜେ ଲଢ଼ିବା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦିକା ଅରୁଣା ବାରିକ ମହିଳାଙ୍କୁ ସଙ୍ଗଠିତ ହୋଇ ଲଢ଼ିବା ପାଇଁ କହିଥିଲେ। ଉପସଭାନେତ୍ରୀ ଆଭାମୟୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରାଣୀବତୀ ଛତ୍ରିଆ, ସୀତାରାଣୀ ସ୍ୱାଇଁ, ସୁକାନ୍ତି ନାୟକ, ସୁଷମା ନାୟକ, ପ୍ରତିମା ପ୍ରଧାନ, ଲକ୍ଷ୍ମୀପ୍ରିୟା ବାରିକ, ଦୟାମଣି ଗୁଲରୀ, ପ୍ରତିମା ମଲ୍ଲିକ, ବନ୍ଦନା ପାତ୍ର, ହେମଲତା ଜେନା, ବିଦ୍ୟୁଲତା ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କିଟ୍, କିସ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ




କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୮।୩ (ଅନୁରାଧା ମହାରଣା)

କିସ୍ ଓ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଓ କିସ୍‌ର ଅଭିବୃଦ୍ଧିରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କିଟ୍ ଓ କିସ୍ ମଧ୍ୟ ମହିଳାମାନଙ୍କୁ ସବୁବେଳେ ସମାନ ସୁଯୋଗ ଓ ସମ୍ମାନ ଦେଇଆସୁଛି। ଏହି ଅବସରରେ କିସ୍‌ର ସେଣ୍ଟର ଫର୍ ୱିମେନ ଷ୍ଟଡିଜ ପକ୍ଷରୁ କ୍ରୀଡ଼ା ମାଧ୍ୟମରେ ମହିଳା ସଶକ୍ତୀକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉକି, କିଟ୍ ଓ କିସ୍‌ରେ ୫୦% ମହିଳା କର୍ମଚାରୀ କାର୍ଯ୍ୟକରୁଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ମଧ୍ୟ ୫୦%ରୁ ଅଧିକ ବୋଲି ସୂଚନା ଦିଆଯାଇଛି।

# ସମ୍ମାନିତ କଲା,ଉତ୍ସାହ ଭରିଲା 'ସମ୍ପୂର୍ଣ୍ଣା'

ଭୁବନେଶ୍ୱର,୮।୩ (ବନ୍ଦନା ସେଠୀ)

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଶନିବାର ଭୁବନେଶ୍ୱର ମହାନଗର ନିଗମର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ 'ସମ୍ପୂର୍ଣ୍ଣା' ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମେୟର, କମିଶନର ଓ ଅନ୍ୟ ଅତିଥିଙ୍କ ସହ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅଲିମ୍ପିଆନ ଅନୁରାଧା ବିଶାଳ ଯୋଗଦେଇ ମହିଳାଙ୍କୁ ଉତ୍ସାହିତ କରିଥିଲେ। ସମାଜରେ ନାରୀର ସ୍ଥାନ ଏବଂ ସମୃଦ୍ଧିକୁ ଆଗକୁ ନେଇ ଯିବାର ଏକ ପ୍ରୟାସ ସମ୍ପୂର୍ଣ୍ଣା। ସବୁଥିରେ ପରିପୂର୍ଣ୍ଣା ହେଉଛି ନାରୀ। ପରିବାରରୁ ଭେଦଭାବ ବନ୍ଦ ହେବା ଆବଶ୍ୟକ ଏବଂ ଏହା ସମୃଦ୍ଧିକୁ ବାଟ କଢାଇବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ମହୀୟସୀ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ମହିଳା ସ୍ୱାସ୍ଥ୍ୟକର୍ମୀ ଅଞ୍ଜନା ସେନାପତି, ସନ୍ତରଣରେ ପ୍ରତ୍ୟାଷା ରାୟ, ଓଡ଼ିଶୀ ନୃତ୍ୟରେ ଅର୍ପିତା ପାଣି, ମାଷ୍ଟର ସେଫ୍‌ରେ ସ୍ମୃତି ଶ୍ରୀ ସିଂ, ସମାଜ ସେବାରେ ସ୍ନେହ ମିଶ୍ର, ଇ-ରିକ୍ସା ଚାଳନା ପାଇଁ ମମତା ନାୟକ, ସାନିଟାରୀ ଇନ୍ସପେକ୍ଟର ଭାଗ୍ୟଶ୍ରୀ ଗୋଚ୍ଛାୟତ, ସ୍ୱଚ୍ଛ ସୁପରଭାଇଜର ସୀମା ଦାସ, ସ୍ୱଚ୍ଛ ସାଥୀ କ୍ଷୀରାବ୍ଧିତନୟା ସାହୁ, ପ୍ଲାଣ୍ଟ ମ୍ୟାନେଜର ଅଙ୍କିତା ମହାନ୍ତି, ସ୍ୱଚ୍ଛ କର୍ମୀ ସରସ୍ୱତୀ ନାଏକ ଓ ସବିତା ଜେଠୀ, ଅଙ୍ଗନୱାଡ଼ି କର୍ମୀ ମଧୁସ୍ମିତା ନନ୍ଦ, ଆଶାକର୍ମୀ ମନୋରମା ସାହୁ, ଟ୍ରାଫିକ ପୋଲିସ ଶ୍ରାବଣୀକା ପ୍ରଧାନ, ଚିତ୍ରଶିଳ୍ପୀ ଅତସୀ ବାସୁ ଜେନା, ଧାରାବାହିକ କଳାକାର ଅଙ୍କିତା ମିଶ୍ର ଏବଂ ଉଦ୍ୟୋଗୀ ରଶ୍ମୀ ସାହୁ। ଦୀପ୍ତିରେଖା ପାଢୀଙ୍କ ଲଘୁସଙ୍ଗୀତ, ଶ୍ରୀମତୟୀ ଦେବସ୍ମିତା ଓ ଗ୍ରୁପ୍‌ଙ୍କ ଶକ୍ତି ସରୂପିଣୀ ନୃତ୍ୟ ଏବଂ ଜୟଶ୍ରୀ ଧଳଙ୍କ ଗୀତ ମନ ମୋହିଥିଲା। ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଅତିରିକ୍ତ କମିଶନର ସସ୍ମିତା ସାହୁ ଓ ଟିମ୍ ବିଏମ୍‌ସି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ 'ସମ୍ପୂର୍ଣ୍ଣା' କାର୍ଯ୍ୟକ୍ରମରେ ଉତ୍ସାହିତ ମହିଳାମାନେ।



ବିଏମ୍‌ସି ପକ୍ଷରୁ ଅନୁଷ୍ଠିତ ହସ୍ତତନ୍ତ ପଦଯାତ୍ରାରେ ବାଚସ୍ପତି ସୁରମା ପାଢ଼ୀ, ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ।

# ହସ୍ତତନ୍ତ ପଦଯାତ୍ରାରେ ସାମିଲ ହେଲେ ୫ଶହ ମହିଳା

ଭୁବନେଶ୍ୱର, ୮।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହସ୍ତତନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରର ଓଡ଼ିଶାର ହସ୍ତତନ୍ତକୁ ପ୍ରୋତ୍ସାହିତ କରିବା ପାଇଁ ବିଏମ୍‌ସି, ଓଡିଶା ହସ୍ତତନ୍ତ ନିଗମ ଏବଂ ଓଡିଶା ସମବାୟ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ପଦଯାତ୍ରାରେ ବିଭିନ୍ନ ବର୍ଗର ପ୍ରାୟ ୫ଶହ ମହିଳା ସାମିଲ ହୋଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ମହିଳା ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ, ଯାହାକି ପଦଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥିଲା। ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମାଷ୍ଟର କ୍ୟାଣ୍ଟିନଠାରୁ ପଦଯାତ୍ରା ବାହାରି ବିଏମ୍‌ସି ମୁଖ୍ୟାଳୟରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ରୋଜାଲିନ ମିଶ୍ର, ଜୟନ୍ତୀ ମହାରଣା ଓ ପିଙ୍କି ବେହେରାଙ୍କୁ ବିଏମ୍‌ସି ପକ୍ଷରୁ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସମ୍ପୂର୍ଣ୍ଣା'ରେ ପାଟଶାଢ଼ି, ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ, ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ କର୍ପୋରେଟରମାନେ ଯୋଗଦେଇଥିଲେ।

# ଆର୍ଥିକ ସ୍ୱାବଲମ୍ବୀ ହେଲେ ମହିଳାଙ୍କୁ ସମାନ ଅଧିକାର ମିଳିବ

ଭୁବନେଶ୍ୱର, ୮।୩ (ବନ୍ଦନା ସେଠୀ)

ସିଆଇଟିୟୁ ଓ ଗଣତାନ୍ତ୍ରିକ ମହିଳା ସମିତି ଭୁବନେଶ୍ୱର ଶାଖା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ୟୁନିଟ-୯ସ୍ଥିତ ସାମ୍ୟବାଦୀ ଅଫିସ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ନାରୀନେତ୍ରୀ ମିନତୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ସିଆଇଟିୟୁର ରାଜ୍ୟ ସମ୍ପାଦିକା ପୁଷ୍ପା ଦାସ, ବରିଷ୍ଠ ନେତା ଉଲ୍ଲାସ ସ୍ୱାଇଁ, ହେତୁବାଦୀ ସାମାଜିକ କର୍ମୀ ଦେବେନ୍ଦ୍ର ସୂତାର ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଲେ, ସମାଜରେ ମହିଳାମାନେ ରୋଜଗାରକ୍ଷମ ହେବା ଦରକାର। ଏଥିସହ ସେମାନଙ୍କ ଘରୋଇ କାର୍ଯ୍ୟକୁ ସମ୍ମାନ ଦେଇ ସେହି ଶ୍ରମର ଅର୍ଥନୈତିକ ମୂଲ୍ୟ ପ୍ରଦାନ କରାଗଲେ ସେମାନେ ପ୍ରକୃତ ସ୍ୱାଧୀନତା ପାଇପାରିବେ। ଆର୍ଥିକ ସ୍ୱାବଲମ୍ବୀ ହେଲେ ମହିଳାଙ୍କୁ ସମାନ ଅଧିକାର ମିଳିବ। କିନ୍ତୁ ମହିଳାମାନେ ଦିନରାତି ଘରୋଇ କାର୍ଯ୍ୟରେ ଅକ୍ଳାନ୍ତ ପରିଶ୍ରମ କଲେ ମଧ୍ୟ ତା'ର ଆର୍ଥିକ ମୂଲ୍ୟ କିଛି ନାହିଁ। ଏବେ ବି ପରିବାର ଏବଂ ସମାଜରେ ସେମାନେ ଅନ୍ୟର ଶୋଷଣର ଶିକାର ହେଉଛନ୍ତି। ସେହିପରି କର୍ମକ୍ଷେତ୍ରରେ ନିଯୁକ୍ତ ଥିବା ମହିଳାମାନଙ୍କୁ ଉଚିତ ରୋଜଗାର ମିଳୁନାହିଁ। ଆଶାକର୍ମୀ, ମଧ୍ୟାହ୍ନଭୋଜନ ପାଚିକା, ଅଙ୍ଗନୱାଡି କର୍ମୀ, ଠିକାକର୍ମୀ ତଥା ଘରୋଇ ସଂସ୍ଥାରେ ନିଯୁକ୍ତ ମହିଳା ଶ୍ରମିକ କର୍ମଚାରୀଙ୍କୁ ଉଚିତ ଦରମା ସରକାର ଦେଉନାହାନ୍ତି। ବିଭିନ୍ନ ସାମାଜିକ କୁ-ପ୍ରଥା, ଧର୍ମୀୟ କୁ-ସଂସ୍କାର, ପୁରୁଷ ନାରୀ ମଧ୍ୟରେ ଭେଦଭାବ ଓ ଘୃଣା ସମାଜରେ ଭରପୂର ହୋଇରହିଛି। ଫଳରେ ମହିଳାମାନେ ହିଂସାର ଶିକାର ହେଉଛନ୍ତି ଓ ମାନସିକ ନିର୍ଯାତନା ଭୋଗୁଛନ୍ତି ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମକୁ ସିଟୁର ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ, ପ୍ରଭାତ ପାଣିଗ୍ରାହୀ, ବିମଳୀ ନାୟକ, ଚିନ୍ମୟୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ୨୫ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସମ୍ବର୍ଦ୍ଧିତ କଲା ପରିଚୟ ଫାଉଣ୍ଡେଶନ



ପୁରସ୍କୃତ, ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଥିବା ମହିଳାମାନେ।

ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ)

ପରିଚୟ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ 'ଆରୟା ଆୱାର୍ଡସ'ର ତ୍ରୟୋଦଶ ସଂସ୍କରଣ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ରୋଜାଲିନ ପାଟ୍ଟଶାଣୀ ମିଶ୍ର ଅଧ୍ୟକ୍ଷତା କରିଥିରେ। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ବର୍ତ୍ତମାନ ମହିଳାମାନେ ସବୁ କ୍ଷେତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରିପାରୁଛନ୍ତି। ଏକ ସମୃଦ୍ଧ ସମାଜ ଗଠନ ନିମନ୍ତେ ମହିଳାମାନେ ସ୍ୱାବଲମ୍ବୀ ହେବା ନିତାନ୍ତ ଆବଶ୍ୟକ ମହିଳା। ଆଦିବାସୀ ତଥା ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ ପରିଚୟ ଫାଉଣ୍ଡେଶନର ପଦକ୍ଷେପ ନିଶ୍ଚିତ ରୂପେ ପ୍ରେରଣାଦାୟୀ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଗବେଷିକା ଭାଗ୍ୟଲିପି ମଲ୍ଲଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ଓ ସାନ୍ତାଳୀ ସାହିତ୍ୟ ଗବେଷିକା ଦମୟନ୍ତୀ ବେଶ୍ରାଙ୍କୁ ଲିଭିଂ ଲିଜେଣ୍ଡ ଗ୍ଲୋରି ଆୱାର୍ଡ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ଜଣ ମହିଳା ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଅନୁଷ୍ଠାନ ପକ୍ଷରୁ ସିଲେଇ ମେସିନ ଓ ଦିବ୍ୟାଙ୍ଗ ମହିଳାଙ୍କୁ ହ୍ୱିଲ ଚେୟାର୍ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଶାଶ୍ୱତ ଯୋଶୀଙ୍କ ତତ୍ତ୍ୱାବଧାନରେ ଲାସ୍ୟକଳା ନୃତ୍ୟାନୁଷ୍ଠାନର କଳାକାରମାନେ ମାହାରୀ, ଓଡ଼ିଶୀ, ଚଇତି ଘୋଡ଼ା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ଓଡିଶା ରେଡ଼କ୍ରସ୍ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୮।୩(ସୁଚିସ୍ମିତା ସାହୁ)

ଓଡିଶା ରାଜ୍ୟ ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରେଡକ୍ରସ ସୋସାଇଟିରେ ଥିବା ପରିବାର ପରାମର୍ଶକେନ୍ଦ୍ରର ପରାମର୍ଶଦାତୀ ବିଜୟଲକ୍ଷ୍ମୀ କରଙ୍କ ତତ୍ତ୍ୱାବଧାନରେ ମହିଳା ଦିବଦ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂବନତ ପ୍ରଶାସନିକ ଅଧିକାରୀ ବ୍ରତତୀ ହରିଚନ୍ଦନ ଯୋଗଦେଇ ମହିଳାସଶକ୍ତିକରଣ ପାଇଁ ସବୁବର୍ଗର ମହିଳାମାନେ ପ୍ରଚଳିତ ପ୍ରଯୁଜ୍ୟ ଆଇନର ଧାରାଗୁଡିକୁ ଅବଗତ ହେଲେ ମହିଳା ନିର୍ଯ୍ୟାତନା ଓ ପକ୍ଷପାତିତା କମିଯାଆନ୍ତା। ସେହିପରି ପୁଲିସ ଅଧିକାରୀ ଇମାନ କଲ୍ୟାଣ ନାୟକ ଯୋଗଦେଇ ମହିଳାଙ୍କ ସଶକ୍ତିକରଣ ନିମନ୍ତେ ବିଭିନ୍ନ ମହଲରେ ଯଥା ସାଧ୍ୟ ଉଦ୍ୟମ ଦେବା ଆବଶ୍ୟକ। ଆଇନ କାନୁନ ସମ୍ବନ୍ଧରେ ସଚେତନ ହେଲେ ଲିଙ୍ଗଗତ ବୈଷମ୍ୟତାର ଶିକାର ହେବା କମିଯିବ। ପୂର୍ବତନ କର୍ପୋରେଟର ରଶ୍ମି ମହାପାତ୍ର ଯୋଗଦେଇ ଉପସ୍ଥିତ ମହିଳାଙ୍କର ଉନ୍ନତିସମ୍ବନ୍ଧରେ ଆଲୋକପାତ କରିଥିଲେ। ପୂର୍ବତନ ଅବୈତନିକ ସଚିବ ଗଣେଷ ଚନ୍ଦ୍ର ପାତ୍ର ରେଡକ୍ରସ ଭବନରେ ଥିବା ମହିଳା ପରାମର୍ଶକେନ୍ଦ୍ରକୁ ଅଧିକ ପାଣ୍ଠି ଆସିଲେ ଅଧିକ ସୁବିଧାସୁଯୋଗ ମିଳିବ ବୋଲି କହିଥିଲେ। ରେଡକ୍ରସର ଯୁଗ୍ମସଚିବ ଅଶୋକ କୁମାର ମହାନ୍ତି ଅତିଥି ପରିଚୟ ଏବଂ କୋଷାଧ୍ୟକ୍ଷ ଲାବଣ୍ୟ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ଶକ୍ତି' କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୩(ଅନୁରାଧା ମହାରଣା)

ଓଡ଼ିଶାର ଅଗ୍ରଣୀ ଜୁଏଲେରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଜ୍ୟର ସମସ୍ତ ଶୋ'ରୁମ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଶକ୍ତି'ରେ ସମାଜ ବିକାଶ ନିମନ୍ତେ କାର୍ଯ୍ୟ କରିଥିବା ଅସାଧାରଣ ଓ କର୍ତ୍ତବ୍ୟପରାୟଣା ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। ସମାଜର ସୃଷ୍ଟି ଓ ବିକାଶରେ ନାରୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ନାରୀ ବିନା ଏ ସମାଜ ଅସମ୍ପୂର୍ଣ୍ଣ। ସମାଜର ଉଚ୍ଚ ପ୍ରତିଷ୍ଠାନ ଓ ପଦବୀରେ ମହିଳାମାନେ ପ୍ରତିଷ୍ଠିତ ହୋଇ ସାମାଜିକ ବିକାଶଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ନାରୀମାନଙ୍କୁ କିଭଳି ଆହୁରି ସ୍ୱାବଲମ୍ବୀ ଓ ସଶକ୍ତ କରାଯାଇପାରିବ ସେନେଇ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଧୈର୍ଯ୍ୟ, ସ୍ନେହ, ଶ୍ରଦ୍ଧା, ମମତାରେ ପରିପୂର୍ଣ୍ଣ ମାତୃଶକ୍ତିର ମହନୀୟତାକୁ ଅରୁନ୍ଧତୀ ପରିବାରର ଶତ ଶତ ପ୍ରଣାମ। ଆମ ଅରୁନ୍ଧତୀ ପରିବାରର ଆଧାର ମଧ୍ୟ ଜଣେ ମହିଳା। ସେହି ମହିଳାଙ୍କ ପ୍ରେରଣା, ସମର୍ଥନ ଓ ମାର୍ଗଦର୍ଶନରେ ଅରୁନ୍ଧତୀ ଆଜି ଓଡ଼ିଶାରେ ସର୍ବତ୍ର ପରିଚିତ। ଆମେ ପ୍ରତ୍ୟେକ ନାରୀ ଜାତିକୁ ସମ୍ମାନ ଜଣାଇବା ସହ ନାରୀଶକ୍ତିର ବିକାଶ ଦିଗରେ ନିରନ୍ତର ଓ ନିଷ୍ଠାପର ଭାବରେ କାର୍ଯ୍ୟକରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।




ଅରୁନ୍ଧତୀ ଜୁଏଲେରୀ ପକ୍ଷରୁ ଅନୁଷ୍ଠିତ 'ଶକ୍ତି' କାର୍ଯ୍ୟକ୍ରମରେ ମହିଳା କର୍ମଚାରୀ।




ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ ଯୋଗଦେଇଥିବା ଅତିଥି।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ୟୁଥ କନକ୍ଲେଭ'

ଭୁବନେଶ୍ୱର,୮।୩(ସୁଚିସ୍ମିତା ସାହୁ)

ନାରୀ ହେଉଛି ସମୃଦ୍ଧିର ବାର୍ତ୍ତାବହ। ନାରୀଙ୍କୁ ସବୁ କ୍ଷେତ୍ରରେ ଉଚିତ ସୁଯୋଗ ଓ ସମ୍ମାନ ମିଳିଲେ ସେମାନେ ଏକ ପୂର୍ଣ୍ଣ ବିକଶିତ ଦେଶ ଗଠନରେ ସହାୟକ ହେବେ ବୋଲି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏନ୍‌ଏଚ୍‌ଆର୍‌ଡି ନେଟୱର୍କ, ଓଡିଶା ଲାଇଫ ଏବଂ ସ୍ୱାସ୍ଥ୍ୟପ୍ଲସ ନେଟ୍‌ୱର୍କ ସହ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ଏବଂ ସାମ୍ବାଦିକତା ବିଭାଗର ମିଳିତ ଆନୁକୂଲ୍ୟରେ 'ୟୁଥ କନକ୍ଲେଭ' ଅନୁଷ୍ଠିତ ହୋଇଥିଲା। ଓଡିଶା ଲାଇଫର ନିର୍ଦ୍ଦେଶିକା ପ୍ରଣତି ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଶିଖା ସିଂ, ଏନଏଚ୍‌ଆରଡି ନେଟୱର୍କ ଭୁବନେଶ୍ୱର ଶାଖାର ସଭାନେତ୍ରୀ ବବି ପଟ୍ଟନାୟକ, ଇନଫୋସିସ୍‌ର ଉପସଭାପତି ରଶ୍ମି ବିଶ୍ୱକର୍ମା, କୋଜେଣ୍ଟସ ଟେକ୍ନୋଲୋଜିସର ସହପ୍ରତିଷ୍ଠାତା ରୋଜାଲିନ ମହାନ୍ତି, ଅରାସିଓରର ସହପ୍ରତିଷ୍ଠାତା ଆକାଂକ୍ଷା ପ୍ରିୟଦର୍ଶିନୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଶିବ ପ୍ରସାଦ ଚକ୍ରବର୍ତ୍ତି ଓ ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର ସସ୍ମିତା ମହାନ୍ତି ଯୋଗଦେଇ ଥିଲେ। ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟର ଉପନିର୍ଦ୍ଦେଶିକା ପ୍ରଫେସର ଶ୍ରଦ୍ଧାଞ୍ଜଳି ପାଢ଼ୀ, ସ୍ୱାସ୍ଥ୍ୟପ୍ଲସର କଣ୍ଟେଣ୍ଟ ଆସୋସିଏଟ ପ୍ରିୟଙ୍କା ସୁଚରିତା କାର୍ଯ୍ୟକ୍ରମ ସଂଚାଳନ ଓ ବିଶ୍ୱବିଦ୍ୟାଳୟ ଜେଣ୍ଡର ଷ୍ଟଡିଜ ବିଭାଗର ପ୍ରଫେସର ଜ୍ୟୋର୍ତିମୟୀ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏହିଅବସରରେ 'ଏମ୍‌ପାୱରିଂ ୱିମେନ, ଫୋଷ୍ଟରିଂ ଅନ୍ତ୍ରପ୍ରିନ୍ୟୁରସିପ' ସଚେତନତା କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରାଯାଇଥିଲା।




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### କାଳିକାପ୍ରସାଦ ବାଲିଘାଟ ଲିଜ୍‌ଧାରୀଙ୍କୁ ନିଲମ୍ବନ

#### ୩ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ

ବାଙ୍କୀ,୮।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ ଉପଖଣ୍ଡ ଡମପଡ଼ାର ତହସିଲ ଅନ୍ତର୍ଗତ କାଳିକାପ୍ରସାଦ ବାଲିଘାଟରେ ବେଆଇନ କାର୍ଯ୍ୟକଳାପ ପାଇଁ ଖଣିବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଘାଟରୁ ଲିଜ୍‌ଧାରୀଙ୍କୁ ନିଲମ୍ବନ କରାଯାଇଛି। ୩ଦିନ ମଧ୍ୟରେ ଏହାର ଜବାବ ଦେବାପାଇଁ ଖଣି ବିଭାଗ ପକ୍ଷରୁ ତାଙ୍କୁ ଚିଠି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ କଟକ ସର୍କଲ ମାଇନିଂ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ମାର୍ଚ୍ଚ ୬ ବିଳମ୍ବିତ ରାତିରେ ଡମପଡ଼ା ତହସିଲ ଅନ୍ତର୍ଗତ ଖାତା ନଂ. ୧୨, ପ୍ଲଟ ନଂ.୩୬ର ୧୨.୩୫୦ ଏକର ଯାଗାରେ ଅବସ୍ଥିତ କାଳିକାପ୍ରସାଦ ବାଲିଘାଟରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ ବାଲି ଚାଲଣ କରୁଥିବା ଭାରିଯାନଗୁଡ଼ିକ ବିନା ଟ୍ରାନ୍‌ଜିଟ ପାସ୍‌ରେ ବାଲି ଚାଲାଣ କରୁଥିବା ଜଣାପଡ଼ିଥିଲା। ଏନେଇ ମାଇନିଂ ବିଭାଗ ଓ ପୋଲିସ ପକ୍ଷରୁ ୪ଟି ଭାରିଯାନ ଜବତ କରାଯାଇଥିଲା। ଏଥିସହିତ ନିଲାମଧାରୀ ଲିଜ ନେଇଥିବା ସମ୍ପୃକ୍ତ ବାଲିଘାଟର ପରିସୀମା ବାହାରେ ୨ଟି ଏସ୍କାଭେଟର ଥିବା ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟ ଏକ ଭାରିଯାନ ନିଲାମ କ୍ଷେତ୍ର ବାହାରେ ବାଲି ଲୋଡ଼ କରିଥିବା ଜଣାପଡ଼ିଥିଲା। ଫଳରେ ନିଲାମ ଧାରଣର ନିୟମାବଳୀକୁ ଉଲ୍ଲଂଘନ କରିଥିବା ଦର୍ଶାଇ ଖଣିବିଭାଗ ଲିଜ୍‌ଧାରୀଙ୍କୁ ଜଣାଇବା ସହ ବାଲି ଘାଟରେ ବାଲି ଉତ୍ତୋଳନ ରୋକିବାକୁ ଚିଠି ନଂ–୯୦୮/୭।୩। ୨୦୨୫ରେ ନିର୍ଦ୍ଦେଶ ଦେଇଛି। ଅପରପକ୍ଷେ ଖଣି ବିଭାଗ ଓ ପ୍ରଶାସନର ବାରଣ ସତ୍ତ୍ୱେ କାଳିକାପ୍ରସାଦ ବାଲି ଘାଟରେ ବାଲି ଉତ୍ତୋଳନ ପୂର୍ବପରି ଚାଲୁ ରହିଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବାଙ୍କୀ ଥାନା ଅଧିକାରୀ, ଉପଜିଲାପାଳ, ଏସ୍‌ପି, ଜିଲାପାଳ, ନିର୍ଦ୍ଦେଶକ ଲଘୁ ଖଣିଜ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

### ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୯୬ ମାମଲା

ନିଶ୍ଚିନ୍ତକୋଇଲି,/ବାଙ୍କୀ, ୮।୩(ଅଶୋକ କୁମାର ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ୯୪ କ୍ରିମିନାଲ ଓ ଜମିଜମା ବିବାଦର ସମାଧାନ କରାଯାଇଥିଲା। ବିଚାରପତି ରୀତି ତ୍ରିପାଠୀଙ୍କ ଉପସ୍ଥିତିରେ ଏହି ବିବାଦର ସମାଧାନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି ଜୟନ୍ତ କୁମାର ସାମନ୍ତରାୟ ଓ ଆଇନଜୀବୀ ଜିତେନ୍ଦ୍ର ସ୍ୱାଇଁ, ଅରେନ୍ଦ୍ର ଦାସ, ଜିତେନ୍ଦ୍ର ମିଶ୍ର ଏବଂ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ସିନିୟର୍ ଡିଭିଜନ ସିଭିଲ ଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ସୁଧୀର କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ସିନିୟର୍ ଡିଭିଜନ ସିଭିଲଜଜ ମିଶ୍ରଙ୍କ କୋର୍ଟରେ ୨୪ ମୋକଦ୍ଦମା ବିଚାର କରାଯାଇ ୧୧ଟି ଫଇସଲା କରାଯାଇଥିଲା। ସେହିପରି ଉପଖଣ୍ଡ ବିଚାରବିଭାଗ ମାଜିଷ୍ଟ୍ରେଟ ସାଧନଜିତ୍ ପଣ୍ଡାଙ୍କ କୋର୍ଟରେ ୭୮ଗୋଟି ମୋକଦ୍ଦମା ବିଚାର କରାଯାଇ ୧୨ ଅଭିଯୋଗର ଫଇସଲା ହୋଇଥିଲା। ବାଙ୍କୀ ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ସମ୍ପାଦକ ସୁବାଶିଷ ମହାପାତ୍ରଙ୍କ ସମେତ ଆଇନଜୀବୀମାନେ ଏଥିରେ ସହଯୋଗ କରିଥିଲେ।

# କ୍ରୁଟ୍‌କୁ 'ଜାତୀୟ ଜନପରିବହନ ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର, ୮।୩(ବନ୍ଦନା ସେଠୀ)



କ୍ରୁଟ୍ ମହାପ୍ରବନ୍ଧକ (ପିଆଣ୍ଡ୍‌ଏ) ସହଦେବ ସମଧିଆ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟରେ 'ମୋ ବସ୍' ପରିଚାଳନା କରୁଥିବା କ୍ୟାପିଟାଲ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)କୁ ଡିଜିଟାଲ୍ ଅଭ୍ୟାସ ପାଇଁ 'ଜାତୀୟ ପବ୍ଲିକ୍ ବସ୍ ପରିବହନ ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଛି। ଶନିବାର ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଆୟୋଜିତ ଉତ୍ସବରେ କ୍ରୁଟ୍‌କୁ ଏହି ପୁରସ୍କାର ଦିଆଯାଇଛି। କ୍ରୁଟ୍ ମହାପ୍ରବନ୍ଧକ (ପିଆଣ୍ଡ୍‌ଏ) ସହଦେବ ସମଧିଆ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏନେଇ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡ. ଏନ୍ ତିରୁମାଲା ନାଏକ ଖୁସିବ୍ୟକ୍ତ କରି କହିଛନ୍ତି, ଏହି ସମ୍ମାନ ସହରାଞ୍ଚଳ ଜନପରିବହନ କ୍ଷେତ୍ରରେ ଏକ ବିପ୍ଳବ ଆଣିବା ଦିଗରେ କାର୍ଯ୍ୟକରୁଥିବା କ୍ରୁଟ୍‌ର ସମସ୍ତ ଦକ୍ଷ କର୍ମଚାରୀଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତାର ପ୍ରମାଣ। ସେହିପରି ସହରାଞ୍ଚଳ ଜନପରିବହନକୁ ସୁଦୃଢ଼ କରିବା ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ଲକ୍ଷ୍ୟର ଏକ ମୁଖ୍ୟ ଅଂଶ। କ୍ରୁଟ୍ ସର୍ବଦା ଡିଜିଟାଲ ସମନ୍ୱିତ ଏକ ସ୍ମାର୍ଟ ପରିବହନ ସେବା ଯୋଗାଇ ଜନସାଧାରଣଙ୍କ ଯାତ୍ରା ଅନୁଭୂତିକୁ ସରଳ, ସୁବିଧା ଏବଂ ସ୍ଥାୟିତ୍ୱକୁ ପ୍ରାଥମିକତା ପ୍ରଦାନ କରିଥାଏ ବୋଲି ସେ କହିଥିଲେ।

ଜନ ପରିବହନରେ କ୍ରୁଟ୍‌ର ଡିଜିଟାଲ୍ ଉଦ୍ଭାବନଗୁଡ଼ିକ ଯାତ୍ରୀ ଅଭିଜ୍ଞତା ଏବଂ ବସ୍ ପରିଚାଳନା ଦକ୍ଷତା ବୃଦ୍ଧି କରିବାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ସହରାଞ୍ଚଳ ଜନପରିବହନରେ ପରିବର୍ତ୍ତନ ଆଣିବା ପ୍ରୟାସରେ କ୍ରୁଟ୍ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମାଧାନର ଏକ ଶୃଙ୍ଖଳା ପ୍ରଚଳନ କରିଛି। ଏଥିରେ ୟୁପିଆଇ–ଆଧାରିତ ଡିଜିଟାଲ୍ ଟିକେଟିଂ, ଆଣ୍ଡ୍ରଏଡ୍ ଓ ଆଇଓଏସ୍ ମୋ ବସ୍ ମୋବାଇଲ୍ ଆପ୍, ଓଏନ୍‌ଡିସି ପ୍ଲାଟ୍‌ଫର୍ମ ମାଧ୍ୟମରେ ମୋବାଇଲ୍ ପାସ୍ ସୁବିଧା, ରିଅଲ୍–ଟାଇମ୍ ବସ୍ ଲାଇଭ୍ ଟ୍ରାକିଂ ଏବଂ ଯାତ୍ରୀ ଭିଡ଼ସୂଚକ ସହିତ ଏକ ଅଟୋମାଟିକ ଫେୟାର କଲେକ୍ସନ ସିଷ୍ଟମ (ଏଏଫ୍‌ସିଏସ୍) ଅନ୍ତର୍ଭୁକ୍ତ। ଏହି ବୈଶିଷ୍ଟ୍ୟଗୁଡ଼ିକ ଦ୍ୱାରା ଯାତ୍ରୀଙ୍କ ଯାତ୍ରା ଅନୁଭୂତିକୁ ଯଥେଷ୍ଟ ଉନ୍ନତ କରାଯାଇପାରିଛି। ଯାତ୍ରୀମାନେ ମୋ ବସ୍ ଆପ୍ କିମ୍ବା ଇଟିଆଇଏମ୍ ମେଶିନ୍ ମାଧ୍ୟମରେ ସହଜରେ ମୋ ବସ୍ କାର୍ଡଗୁଡ଼ିକୁ ରିଚାର୍ଜ କରିପାରୁଛନ୍ତି। ଏହାବ୍ୟତୀତ ଅଧିକ ଯାତ୍ରୀସଂଖ୍ୟା ରହୁଥିବା ପ୍ରମୁଖ ୬ଟି ସ୍ଥାନରେ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେଶିନ୍ (ଏଟିଭିଏମ୍) ପ୍ରଚଳନ କରାଯାଇଛି। ଫଳରେ ଯାତ୍ରୀମାନେ ବସ୍ ଧରିବା ପୂର୍ବରୁ ନିଜେ ନିଜର ଟିକେଟ୍ କାଟିପାରିବେ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଗ୍ରାମାଞ୍ଚଳରେ କେଶରୀ କ୍ଲବ୍, ଆନ୍ତଃ ଜିଲାରେ ବାଗଲପୁର ଚାମ୍ପିୟନ

କଟକ ସଦର,୮।୩(ସୁଶାନ୍ତ କୁମାର ଜେନା):

**ନେତାଜୀ ୟୁଥ୍ କ୍ଲବ୍ ଭଲିବଲ ଟୁର୍ଣ୍ଣାମେଣ୍ଟ**

କଟକ ସଦର ବ୍ଲକ୍ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଭୁରୀସ୍ଥିତ ନେତାଜୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ଦିବାରାତ୍ର ଗ୍ରାମାଞ୍ଚଳ ଓ ଆନ୍ତଃ ଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳ ସ୍ତରରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଗରାମ କ୍ଲବ୍‌କୁ ହରାଇ କେଶପୁରର କେଶରୀ କ୍ଲବ୍ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ନିର୍ମଳ ଦାସ, ଦେବୀପ୍ରସାଦ ପତି ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫ ହଜାର ଟଙ୍କା ଓ ଟ୍ରଫି, ରନର ଅପ୍ ଟିମ୍‌କୁ ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଆନ୍ତଃ ଜିଲା ଟୁର୍ଣ୍ଣାମେଣ୍ଟରେ କଟକ ଜିଲା ସତ୍ୟଭାମାପୁର ଟିମ୍‌କୁ ହରାଇ ଜଗତ୍‌ସିଂହପୁର ଜିଲା ବାଗଲପୁର ଟିମ୍ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁମନ ସ୍ୱରୂପ ଦାସ ଯୋଗଦେଇ ଉଭୟ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପୀୟୂଷ ରଞ୍ଜନ ପରିଡ଼ା ଉଭୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦାଶରଥି ପ୍ରସାଦ ଚୌଧୁରୀ, ସନ୍ତୋଷ ଭୋଇ, ଆଲୋକ ଦିଗଦର୍ଶୀ ବିଶ୍ୱାଳ, ବିକ୍ରମ ମାଝୀ, ସଞ୍ଜୟ ସାହୁ, ବଳରାମ ନାୟକ, ସନ୍ତୋଷ ଜେନା, ଚନ୍ଦ୍ରଶେଖର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।


ଦୋଳ ମେଳଣ ପାଇଁ କଟକ ଚୌଧୁରୀ ବଜାର ପୂଜା ମଣ୍ଡପରେ ଦୋଳ ବିମାନରେ ଚାନ୍ଦି ଅଳଙ୍କାର ଖଚିତ କରୁଥିବା କାରିଗର।

# ସୋସିଆଲ ମିଡିଆରେ କ୍ଷମାପ୍ରାର୍ଥନା କଲେ ୨ ଅଭିଯୁକ୍ତ

ନିଶ୍ଚିନ୍ତକୋଇଲି, ୮।୩(ଅଶୋକ କୁମାର ମହାପାତ୍ର)

**ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗିବା ଘଟଣା**

କଟକ ଜିଲା ମାହାଙ୍ଗା ବ୍ଲକ ଉମର ପଞ୍ଚାୟତ ହନୁମାନ ଛକ ନିକଟରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗିବା ଘଟଣାରେ ୩ ଅଭିଯୁକ୍ତଙ୍କୁ ଜେଲ ପଠାଯାଇଥିଲା। ବେଲ୍‌ରେ ଆସିବା ପରେ ସେମାନଙ୍କ ମଧ୍ୟରୁ ୨ ଅଭିଯୁକ୍ତ ଶନିବାର ସାମାଜିକ ଗଣମାଧ୍ୟମରେ ଏକାଧିକ ଭିଡିଓବାର୍ତ୍ତା ଛାଡ଼ିଛନ୍ତି। ଉଭୟ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଛନ୍ତି। ତେବେ ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ସୂଚନାଯୋଗ୍ୟ, ବିଜୁବାବୁଙ୍କ ଜୟନ୍ତୀ ପୂର୍ବରୁ ତାଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଘଟଣାରେ ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିବାବେଳେ ଭାଜପା ପକ୍ଷରୁ ପାଲଟା ଜବାବ ଦିଆଯାଇଥିଲା। ମାହାଙ୍ଗାରେ ମଧ୍ୟ ଏହି ଘଟଣାକୁ ନେଇ ପୂର୍ବତନ ବିଧାୟକ ପ୍ରତାପ ଜେନା ଓ ବର୍ତ୍ତମାନର ବିଧାୟକ ସାରଦା ପ୍ରଧାନଙ୍କ ସମର୍ଥକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ପୋଲିସ ବିଶ୍ୱଜିତ୍ ମହାପାତ୍ର(ବିଭୁଆ), ବିଶ୍ୱଜିତ୍ ମହାପାତ୍ର(ରାଜା), ନନ୍ଦକିଶୋର ମଲିକ(ନନ୍ଦ)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଜେଲରୁ ଫେରିବା ପରେ ନନ୍ଦକିଶୋର ଓ ରାଜା ସାମାଜିକ ଗଣମାଧ୍ୟମରେ ଭିଡିଓବାର୍ତ୍ତା କରି ଦର୍ଶାଇଛନ୍ତି ଯେ, ଘଟଣାଦିନ ନିଶାସକ୍ତ ଅବସ୍ଥାରେ ଏପରି ଉନ୍ମତ୍ତ କାଣ୍ଡ ଭିଆଇଥିଲେ। ପୂର୍ବତନ ବିଧାୟକ ପ୍ରତାପଙ୍କ ଅନୁଗତ ବିସ୍ମୟ ମହାପାତ୍ର(ଇଲୁ) ଉଭୟଙ୍କୁ ମଦ ପିଆଇ ଏଭଳି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇଥିଲେ। ନନ୍ଦକିଶୋର ଓ ରାଜା ମାହାଙ୍ଗା ବିଜେଡିର ଆଗଧାଡ଼ିର କର୍ମୀ ହୋଇଥିଲେ ମଧ୍ୟ ବିଜୁବାବୁଙ୍କ ମୁଣ୍ଡ ଭାଙ୍ଗି ବଡ଼ ଭୁଲ୍ କରିଥିବା ଦର୍ଶାଇ ସାମାଜିକ ଗଣମାଧ୍ୟମ ଜରିଆରେ ଓଡ଼ିଶାବାସୀଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଅପରପକ୍ଷେ ଏପରି ବୟାନ ରଖି ଅଭିଯୁକ୍ତମାନେ ପୂର୍ବତନ ବିଧାୟକ ଜେନାଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ମାତ୍ର ସାଧାରଣ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ସମ୍ପର୍କରେ ଇଲୁ କହିଛନ୍ତି, ଅଭିଯୁକ୍ତମାନଙ୍କ ବୟାନ ସମ୍ପୂର୍ଣ୍ଣ ମିଛ ଓ କପୋଳକଳ୍ପିତ। ଏହି ଘଟଣା ସତ ନା ଅଭିଯୁକ୍ତମାନଙ୍କ ପଛରେ ଆଉ କିଏ ଅଛି ସେନେଇ ଚର୍ଚ୍ଚା ଜୋର୍ ଧରିଛି।

### ଭାଜପାରେ ପୂର୍ବତନ ସରପଞ୍ଚ ଓ ବିଜେଡି ନେତାଙ୍କ ସହ ଶତାଧିକ କର୍ମୀ

ସାଲେପୁର,୮ ।୩(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ୍ ବାରିଗୋଳ ପଞ୍ଚାୟତର ପୂର୍ବତନ ବିଜେଡି ସମର୍ଥିତ ସରପଞ୍ଚ ସଲିମା ମହାପାତ୍ର ଏବଂ ବିଜେଡି ନେତା ସୁନୀଲ ମହାପାତ୍ରଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ସମର୍ଥକମାନେ ବିଜେଡି ଦଳ ତ୍ୟାଗ କରି ଶନିବାର ବିଧିବଦ୍ଧ ଭାବରେ ଭାଜପା ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱକୁ ସମର୍ଥନ କରି ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ମୋହନ ସରକାରଙ୍କର କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ବାରିଗୋଳ ପଞ୍ଚାୟତର ଏହି କର୍ମୀମାନେ ବିଜେପିରେ ସାମିଲ ହୋଇଥିବା କୁହାଯାଇଛି। କାର୍ଯ୍ୟକ୍ରମରେ ବାରିଗୋଳ ପଞ୍ଚାୟତର ସଞ୍ଜୟ ମହାପାତ୍ର, ଦକ୍ଷଚନ୍ଦ୍ର ନାୟକ, ଗୌତମ ଦାସ, ଗଗନ ମହାପାତ୍ର, ନିରଞ୍ଜନ ସାହୁ, ଭଞ୍ଜକିଶୋର ସାମଲ, ନୀଳମଣି ବେହେରା, ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ।

# ରାଷ୍ଟ୍ର ନିର୍ମାଣରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ମଙ୍ଗୁଳି–ଜଗତପୁର,୮।୩(ମାନସ ସାମଲ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଚୌଦ୍ୱାରସ୍ଥିତ ହାପି ୱାର୍ଲ୍ଡ ମଣ୍ଡପ ପରିସରରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ 'ଆଦର୍ଶ ମହିଳା–୨୦୨୫' ଶନିବାର ଅନୁଷ୍ଠିତ ହୋଇଯାଇଛି। ୟୁଜେଏ କଟକ ସଭାପତି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ମୁଖ୍ୟବକ୍ତା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଲୋକସେବା ଫାଉଣ୍ଡେଶନ ସାଲେପୁରର ଅଧ୍ୟକ୍ଷ ହିମାଂଶୁ ମହାନ୍ତି, ସାମାଜିକ କର୍ମୀ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଚୌଦ୍ୱାର ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରା, ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସସ୍ମିତା ଦାସ, ଜୟନ୍ତୀ ପୃଷ୍ଟି ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ୨୮ ଜଣ ପ୍ରତିଭାଧାରୀ ମହିଳାଙ୍କୁ 'ଆଦର୍ଶ ମହିଳା –୨୦୨୫'ରେ ସମ୍ମାନିତ କରାଯାଇଥିଲା। ଖବରଦାତା ନବୀନ ରାଓ, ଦୀପକ ବେଉରା, କୁନା ନାୟକ, ରାଜେଶ ନାୟକ, ସ୍ମୃତି ରଞ୍ଜନ ଜେନା, ମାନସ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିବାବେଳେ ସଞ୍ଜୀବ ତିୱାରି ଧନ୍ୟବାଦ ଦେଇଥିଲେ।

**ଫୁଲନଖରା,୮।୩(ସତ୍ୟରଞ୍ଜନ ଦାସମହାପାତ୍ର):** ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ପାଳିତ ହୋଇଯାଇଛି। ସରପଞ୍ଚ ବିଶ୍ୱଜିତ୍ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଜୋନ୍–୪ ଏସିପି ଅମିତାଭ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପାହାଳ ଥାନା ଆଇଆଇସି ଅଶ୍ୱିନୀ ଜେନା, ବାଲିଅନ୍ତା ବ୍ଲକ୍ ଚେୟାରମ୍ୟାନ ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ସାମାଜିକ କର୍ମୀ ବଂଶୀଧର ଭୋଳ, ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ମଧୁମିତା ସାମଲ ପ୍ରମୁଖ ଯୋଗଦେଇ ମହିଳା ଦିବସ ଉପରେ ଆଲୋକପାତ କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):**ଚୌଦ୍ୱାର ପୌର କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ବିଜୟ କୁମାର ମଲ୍ଲିକ, ଦିଲୀପ କୁମାର ଭୂୟାଁ, ସୁଜାତା ସାହୁ, ବିନୋଦିନୀ ରାଉତରାୟ, ପତିତପାବନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର, ଏଫ୍‌ଏସ୍‌ଟିପି, ଏମ୍‌ସିସି ଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚିତ୍ରାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ପୀୟୂଷ ସାହୁ ଧନ୍ୟବାଦ ଦେଇଥିଲେ।



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଠଗଡ଼ରୁ ବାହାରିଥିବା ମହିଳା ଶୋଭାଯାତ୍ରା।

**ବଡ଼ମ୍ବା, (ମାୟାଧର ମଲ୍ଲିକ) :** ବଡ଼ମ୍ବାସ୍ଥିତ ମହିଳା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ମହର୍ଷି ଦୟାନନ୍ଦ ଯଜ୍ଞମଣ୍ଡପରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଯୋଗ ସମିତି ବଡ଼ମ୍ବା ତହସିଲ ମହିଳା ପ୍ରଭାରୀ ବେଦାଚାର୍ଯ୍ୟା ପ୍ରବୀଣା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୁଷ୍ପ ଭଉଣୀ, ବିଶିଷ୍ଟ ଅତିଥିଭାବେ ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ସତ୍ୟଭାମା ନାୟକ ପ୍ରମୁଖ ଯୋଗଦେଇଥିଲେ।

**ଟିଗିରିଆ,(ଜାଫର ଖାଁ ):** ଟିଗିରିଆ ନିଜିଗଡ଼ସ୍ଥିତ ଗାନ୍ଧୀସ୍ମୃତି ପଡ଼ିଆରେ ଟିଗିରିଆ ବ୍ଲକ ମହିଳା ବିଜେଡି ତରଫରୁ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଟିଗିରିଆ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରୁପା ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ଛାତ୍ରସଂଘ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଠଗଡ଼ ବିଜେଡି ଯୁବ ସଂଗଠକ ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଥିଲେ। ପ୍ରାରମ୍ଭରେ ମହିଳାମାନେ ନିଜିଗଡ଼ ଛକଠାରୁ ବିରାଟ ପଟୁଆରରେ ସଭାସ୍ଥଳକୁ ଆସିଥିଲେ। ମଞ୍ଚରେ ଶର୍ମିଳା ନାୟକ, ସସ୍ମିତା ରାଉତ, ସମସୁରା ବେଗମ୍, ଭାଗୀରଥି ନନ୍ଦ, ବ୍ଲକ ବିଜେଡି ସଭାପତି ଅଜିତ ଧିର, ସଂଯୁକ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଠଗଡ଼ (ସତ୍ୟପ୍ରସାଦ ରଥ) :** ଆଠଗଡ଼ ବିଜେଡି ପକ୍ଷରୁ ଅପରାହ୍ନରେ ଏକ ମହିଳା ଶୋଭାଯାତ୍ରା ସହର ଉପକଣ୍ଠ ସାପୁଆ ନଦୀକୂଳରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ପହଞ୍ଚିଥିଲା। ଆଠଗଡ଼ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତଥା ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ ସମାବେଶରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ଆଦିତ୍ୟ ପ୍ରତାପ ସାଇଁ ଓ ମୁଖ୍ୟବକ୍ତାଭାବେ ଅଖିଳ ଭାରତ ଛାତ୍ରସଂଘ ରାଜ୍ୟ ସଭାପତି ସଂଘମିତ୍ରା ଜେନା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ବାସନ୍ତୀ ରାଉଳ, ସାଧାରଣ ସମ୍ପାଦିକା ମିତା ରାଉତ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ପ୍ରଣତୀ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଭାଜପା ପକ୍ଷରୁ ସହରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଭାଜପା ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ଇଲା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ସନ୍ଧ୍ୟାରେ ପୁରୁଣା ରାଜବାଟୀ ନିକଟସ୍ଥ ଖୁଲଣ ପଡିଆରେ ଭାଜପା ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକଙ୍କ ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା।

**ବାଙ୍କୀ(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):** ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଅନୁଷ୍ଠିତ ଆନ୍ତର୍ଜାତିକ ମହିଳା ଦିବସରେ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଯୋଗଦାନ କରି ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମହିଳା ବ୍ୟାଙ୍କ ପରିଚାଳକ ଶ୍ରୀଲଗ୍ନା ଶ୍ରୀସମ୍ପିତା, ଡମପଡ଼ା ଶାଖା ପରିଚାଳିକା ସୁଚିସ୍ମିତା ପଣ୍ଡା, ସହକାରୀ ପରିଚାଳିକା ମୋନାଲିସା ସେଠୀ, ସାଗରିକା ଜେନା, ସୁମିତ୍ରା ହୋତା ପ୍ରମୁଖ ଯୋଗଦେଇଥିଲେ।

**ସାଲେପୁର (ଅରବିନ୍ଦ ଭୂୟାଁ):**ଟାଙ୍ଗୀ–ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ବ୍ଲକ୍‌ର ସତ୍ୟଭାମାପୁର କଲ୍ୟାଣମଣ୍ଡପଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ମିଶନ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ାସିଂହ ସରପଞ୍ଚ ଜ୍ୟୋତିରେଖା ନାୟକ, ବିଜେଡି ମହିଳା ସଭାନେତ୍ରୀ ରାଜଶ୍ରୀ ଜେନା, ସତ୍ୟଭାମାପୁର ସରପଞ୍ଚ ସୁଧାଂଶୁବାଳା ଜେନା ପ୍ରମୁଖ ଯୋଗଦେଇଥିଲେ।

**ଫ ଟୋ ରେ ଖ ବ ର**


ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ।



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ ନିମନ୍ତ୍ରିତ ଅତିଥି।

**ସଂକ୍ଷେପରେ**

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ଟାଙ୍ଗୀ,୮।୩(ରଘୁନାଥ ସାହୁ)

ଟାଙ୍ଗୀ ପୋଲିସ ଶନିବାର ବଡ଼ପାରୀ ଗ୍ରାମସ୍ଥିତ ବଧ ପୋଖରୀ ହୁଡ଼ାରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି। ମୃତକ ହେଲେ ବଡ଼ପାରୀ ଗ୍ରାମ ପାଇକସାହିର ଦିବାକର ଭୁଞ୍ଜ(୨୪)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରାଉଛି। ସୂଚନା ମୁତାବକ, ଶନିବାର ସକାଳେ କେତେଜଣ ଗ୍ରାମବାସୀ ବଧ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀ ହୁଡ଼ାରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଦିବାକରଙ୍କୁ କେହି ମାରି ଗଛରେ ଝୁଲାଇ ଦେଇଥିବା ଚର୍ଚ୍ଚା ହେଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ୫୨ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ଶିଳ୍ପାଞ୍ଚଳସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ରକ୍ତଦାନ ଶିବିର ଓ ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ସାଗରିକା ନାଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ରକ୍ତଦାନ କରି ମହିଳା ସଶକ୍ତୀକରଣ ବାର୍ତ୍ତା ଦେଇଥିଲେ। ମହିଳାଙ୍କ ମଧ୍ୟରେ ଅସୀମ ଧୈର୍ଯ୍ୟ, ସହନଶୀଳତା ରହିଛି। ଆଜିର ଯୁବପିଢି ସୋସିଆଲ ମିଡିଆରେ ବ୍ୟସ୍ତ ନ ରହି ନିଜ କ୍ୟାରିୟର ଏବଂ ଭବିଷ୍ୟତ ଉପରେ ଫୋକସ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୋଟ୍ ୫୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିଳ୍ପାଞ୍ଚଳ ଥାନାଧିକାରୀ ଗାୟତ୍ରୀ ମିଶ୍ର, ଏସ୍‌ଆଇ ବାସୁଦେବ ଜୟସିଂହ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପରିଚାଳନା କରିଥିଲେ।

## ଶ୍ରୀରାମଚରିତ ମାନସ, ନବାହ୍ନ କାର୍ଯ୍ୟକ୍ରମ

ନିରାକାରପୁର,୮।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀରାମ କୃପା ସତ୍‌ସଙ୍ଗ ଓ ହଜ୍ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସପ୍ତଦୋଳ ପଡିଆ ପ୍ରାଙ୍ଗଣରେ ଷୋଡ଼ବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ ଓ ନବାହ୍ନ କାର୍ଯ୍ୟକ୍ରମ ଚାଲିଛି। ୧୦୮ ହନୁମାନ ଚାଲିଶା ପାଠ ସହ ଯଜ୍ଞ, ହୋମାଦୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅନୁରୂପଭାବେ ପାରମ୍ପରିକ ରୀତିରେ ଗୋପୂଜା, ସୂର୍ଯ୍ୟପୂଜା ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ କଥାମୃତ ସମ୍ପର୍କରେ ପ୍ରବଚନ କାର୍ଯ୍ୟକ୍ରମ ହେଉଥିବା ବେଳେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ରବିବାର ଅନ୍ତିମ ଦିବସ ହୋଇଥିବାରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରଭୁକୃପା ଲାଭ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଣପୁର,୮।୩(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଘାସଡ଼ିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମୀର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ, ଦେଓଗାଁ ସରପଞ୍ଚ ରେଣୁବାଳା ଛାଟୋଇ, ବାଣପୁର ବ୍ଲକ ଶିକ୍ଷା ଉପଅଧିକାରୀ ପ୍ରଭାତ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ବିଭୂତି ଭୂଷଣ ଦାସ ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ରୋଜାଲିନ ମହାପାତ୍ର, ଭାଗ୍ୟଶ୍ରୀ ସେଠୀ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମଧୁସ୍ମିତା ନାୟକ, ପ୍ରତିମା ଦାସ, ଜଲି ସ୍ୱାଇଁ, ନରେଶ କୁମାର ପଣ୍ଡା, ଲକ୍ଷ୍ମୀ ସୋରେନ, ସୁପ୍ରଭା ସ୍ୱାଇଁ, ଅନ୍ୱେଷା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଅପରାଧ ନିୟନ୍ତ୍ରଣ ପାଇଁ ସହଭାଗିତା ଜରୁରୀ

ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଉଦ୍‌ବୋଧନ ଦେଉଛନ୍ତି।

**'ଆମ ପୋଲିସ', ନୂତନ ଆପରାଧିକ ଆଇନ ସଚେତନତା ଶିବିର**

■ ସିସିଟିଭି ସର୍ଭେଲାନ୍ସରେ ରହିବ ଖୋର୍ଦ୍ଧା, ଚାଲିଛି ମାଷ୍ଟରପ୍ଲାନ

ଖୋର୍ଦ୍ଧା ଆଦର୍ଶ ଥାନା ଆନୁକୂଲ୍ୟରେ ଆମ ପୋଲିସ ଏବଂ ନୂତନ ଆପରାଧିକ ଆଇନ ସଚେତନତା ଶିବିର ଜୟରାଜଗୁରୁ ଭବନ(ଟାଉନ ହଲ)ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଖୋର୍ଦ୍ଧା ବାର୍ ସଭାପତି ଜୀବନଜ୍ୟୋତି ମିଶ୍ର, ପୂର୍ବତନ ଏସ୍‌ପି ବେଦପ୍ରସାଦ ମଜୁମଦାର, ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏସ୍‌ପି ସାଗରିକା ନାଥ ଖୋର୍ଦ୍ଧାରେ ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ସହର ସିସିଟିଭି ସର୍ଭେଲାନ୍ସରେ ରହିବ। ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ଏକମୁହାଁ ରାସ୍ତା, ପାର୍କିଂ ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ ଚାଲିଛି। ଏନେଇ ଜିଲାପାଳଙ୍କ ସହ ଆଲୋଚନା ସରିଛି, ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ନିଶା ମୁକ୍ତ ପାଇଁ ନାର୍କୋଟିକ୍ସ ଟିମ୍ ଗଠନ କରାଯାଇଛି। ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ, ସହଭାଗିତା ଜରୁରୀ ବୋଲି କହିଥିଲେ। ପ୍ରତ୍ୟେକ ପରିବାର, ବ୍ୟବସାୟିକ ପ୍ରତିଷ୍ଠାନ, ଘରୋଇ ଶିକ୍ଷାନୁଷ୍ଠାନ, ଦୋକାନ, ବଜାର ଆଗରେ ସିସିଟିଭି ଲଗାଇବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ପିଢି ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଜଣେ ଦାୟିତ୍ୱସମ୍ପନ୍ନ ନାଗରିକଭାବେ ପ୍ରତ୍ୟେକଙ୍କ ଉତ୍ତରଦାୟିତ୍ୱ ବୋଲି ସେ କହିଥିଲେ। ଏଥିସହିତ ମାତାପିତା ପିଲାଙ୍କ ଗତିବିଧି ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ସଦର ଏସ୍‌ଡିପିଓ ପ୍ରଧାନ କହିଥିଲେ, ପୋଲିସ ଏବଂ ଜନତାଙ୍କ ମଧ୍ୟରେ ରହିଥିବା ଦୂରତା କମାଇବା ଆମ ପୋଲିସ କାର୍ଯ୍ୟକ୍ରମର ଲକ୍ଷ୍ୟ। ବିଏନ୍‌ଏସ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରି କହିଲେ, ଜଣେ ଅପରାଧୀ ୩ଥର ଆପରାଧିକ ଗତିବିଧିରେ ଧରାପଡିଲେ ଏହାକୁ ସଙ୍ଗଠିତ ଅପରାଧ ବୋଲି ଧରାଯିବ। ତେବେ ୭ବର୍ଷ କମ୍ ଦଣ୍ଡ ପାଇଁ ଧାରା ୪୧ରେ ଥାନାରୁ ଜାମିନ ଦେବା ବାଧ୍ୟତାମୂଳକ ରହିଛି। ବିଭିନ୍ନ ଅପରାଧ କ୍ଷେତ୍ରରେ ଏହାକୁ ତର୍ଜମା କରାଯାଉଛି ବୋଲି କହିଥିଲେ। ଆଇନଜୀବୀ ରାମାଶିଷ ଦାସ ପଟ୍ଟନାୟକ ନୂତନ ଆପରାଧିକ ଆଇନର ବିଭିନ୍ନ ଧାରା ସମ୍ପର୍କରେ କହିଥିଲେ। ବାର୍ ସଭାପତି ମିଶ୍ର କହିଥିଲେ, ନୂତନ ଆଇନରେ ନ୍ୟାୟ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯାଇଛି। ଜନତା ପୋଲିସ ଓ କୋର୍ଟ ଆଗରେ ମୁହଁ ଖୋଲିବାକୁ ସାହସ କରନ୍ତୁ। ପୋଲିସ, ପବ୍ଲିକ ଏବଂ ଆଇନଜୀବୀ ପରସ୍ପର ପରିପୂରକ। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସର ପାରଦର୍ଶିତା ଜରୁରୀ। ପୂର୍ବତନ ଏସ୍‌ପି ମଜୁମଦାର ଜିରୋ ଏଫ୍‌ଆଇଆର, ଥାନାରେ ଜନତାଙ୍କୁ ଉତ୍ତମ ବ୍ୟବହାର, ତ୍ୱରିତ ନ୍ୟାୟ ପୋଲିସର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଇନଜୀବୀ, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଣ, ବିସ୍ଫୋରକ ସାମଗ୍ରୀ ଜବତ: ୩ ଗିରଫ

କୃଷ୍ଣପ୍ରସାଦ,୮।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)




ବେଆଇନଭାବେ ବାଣ ପ୍ରସ୍ତୁତ କରିବା ଏବଂ ବିବାହ, ମେଳା, ମହୋତ୍ସବରେ ବାଣ ଫୁଟାଇବା ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। ଏନେଇ ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ କୃଷ୍ଣପ୍ରସାଦ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ବେଆଇନ ଭାବେ ବାଣ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ କୃଷ୍ଣପ୍ରସାଦ ପୋଲିସ ସାମନ୍ତରାପୁର, ସିପିଆ, ମାଲୁଦ ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଥିବା ସାମନ୍ତରାପୁର ଗ୍ରାମର କାଳୁ ଚରଣ ସାହୁ, ସିପିଆ ଗ୍ରାମର ନକୁଳ ସୁନ୍ଦରା, ଗଞ୍ଜାମ ଜିଲା ସମଲ ଗ୍ରାମର ମାଲୁଦରେ ରହୁଥିବା କାଳିଆ ସେଠୀଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ପୃଥକ ଭାବେ ୩ଟି ମାମଲା ରୁଜୁ ହୋଇଥିବା ଆଇଆଇସି ଭାବଗ୍ରାହୀ ରାଉତ ସୂଚନା ଦେଇଛନ୍ତି।

## ପ୍ରାକ୍ ବିବାହ ଯୋଗାଯୋଗ କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରାକ୍ ବିବାହ ଯୋଗାଯୋଗ କେନ୍ଦ୍ର ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରାକ୍ ବିବାହ ଯୋଗାଯୋଗ କେନ୍ଦ୍ରର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହା ଜାତୀୟ ମହିଳା କମିଶନଙ୍କ ସହାୟତାରେ ପରିଚାଳିତ ହେବ। ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ବିବାହ କେବଳ ଏକ ସମ୍ପର୍କ ନୁହେଁ ଏହା ଏକ କର୍ତ୍ତବ୍ୟ। ସମାଜରେ ଦମ୍ପତିମାନଙ୍କ ମଧ୍ୟରେ ବଢୁଥିବା ସମସ୍ୟାକୁ କମ୍ କରିବାରେ ଏହି କେନ୍ଦ୍ର ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ପ୍ରୋଗ୍ରାମ ଅଫିସର ଦେବକୀ ସାହୁ, ଆକ୍ସନ ଏଡ୍‌ର ବାଲ୍ୟ ବିବାହ ନିଷେଧ ଜିଲା ସଂଯୋଜକ ଉତ୍କଳ ମାଇତି ପ୍ରମୁଖ ଉପସ୍ଥିତ ଥିଲେ।

# ମହୋତ୍ସବ ପାରମ୍ପରିକ କଳାକୁ ଉଜ୍ଜୀବିତ କରିଥାଏ


ଆମ ଗାଁ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଶନିବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବେଗୁନିଆ,୮।୩(ସନ୍ଧ୍ୟାରାଣୀ ମିଶ୍ର)

**ଆମ ଗାଁ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଳିପଦର ଗ୍ରାମର ପାରିଜାତ କ୍ଲବ ସମ୍ମୁଖରେ ଚାଲିଥିବା ଆମ ଗାଁ ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ଆମ ଗାଁ ମହୋତ୍ସବ କମିଟିର ଉପସଭାପତି ବିଦ୍ୟାଧର ମହାରଣାଙ୍କ ଅଧ୍ୟକ୍ଷତା ଏବଂ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ସଂଯୋଜନାରେ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, ୟାସିର ନୱାଜ, ଅଭିନେତା ରୁଦ୍ର ନାରାୟଣ ସେଠୀ, ଅଭିନେତ୍ରୀ ମମତା ଦାସ, ଶର୍ମିଷ୍ଠା ନାୟକ, ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ପାରମ୍ପରିକ କଳାକୁ ଉଜ୍ଜୀବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭଦ୍ରକର ମା'ବିମଳା ନାଟ୍ୟ ସଂସଦ ପକ୍ଷରୁ ମୋଗଲ ତାମସା ନାଟକ, ବରଗଡ଼ ମା'ଅମ୍ବିକା ସାଂସ୍କୃତିକ କଳାପରିଷଦ, ରାଜସୁନାଖଳା ନୃତ୍ୟ ପ୍ରଣାମ ଏବଂ ବଡ଼ବେରଣା ମା'କାଳିକା ଦେବୀ ସାଂସ୍କୃତିକ ପରିଷଦର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ଉପଦେଷ୍ଟା ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## 'ଜୈବିକ ପଦ୍ଧତିର ଖାଦ୍ୟ ପ୍ରସ୍ତୁତି ଓ ବ୍ୟବହାର' ତାଲିମ ଶିବିର

ବୋଲଗଡ଼/କଳାପଥର,୮।୩
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ର ଓଡ଼ିଶା ସରକାରଙ୍କ ସହଯୋଗରେ ସ୍ଥାନୀୟ ଜାଭିୟର ସ୍କୁଲଠାରେ ମହିଳା ମଣ୍ଡଳ ସଭ୍ୟାମାନଙ୍କୁ ନେଇ ଦିନିକିଆ ଜୈବିକ ପଦ୍ଧତିର ଖାଦ୍ୟ ପ୍ରସ୍ତୁତି ଓ ବ୍ୟବହାର ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ସଂଘର ସମ୍ପାଦକ ଭାଗୀରଥି ଦାଶଙ୍କ ସଂଯୋଜନାରେ ତାଲିମ କାର୍ଯ୍ୟକ୍ରମରେ ପରିବେଶ ଶିକ୍ଷଣ କେନ୍ଦ୍ରର ଶିକ୍ଷା ଅଧିକାରୀ ପ୍ରଦୀପ ନାୟକ, ସଂଯୋଜକ ଭରତ ଚନ୍ଦ୍ର ଜେନା, ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ,ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ, ସମ୍ମାନିତ ଅତିଥିଭାବେ ସରପଞ୍ଚ ସୁନନ୍ଦା ବରାଳ, ପ୍ରଫୁଲ୍ଲ ଚନ୍ଦ୍ର ହୋତା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ମହିଳାମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପ୍ରଧାନ, ହରପ୍ରିୟା ମହାପାତ୍ର, ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କ କର୍ତ୍ତବ୍ୟ, ତ୍ୟାଗ ସର୍ବଦା ବନ୍ଦନୀୟ



ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା/ଜଟଣୀ,୮।୩
(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼)

**ସୁଭଦ୍ରା ଯୋଜନା ୨ୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇସ୍ଥିତ ସ୍କିଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି, ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଖୋର୍ଦ୍ଧା ଭାରପ୍ରାପ୍ତ ତହସିଲଦାର ନିବେଦିତା ପରିଡ଼ା, ଜଟଣୀ ବିଡିଓ ରଶ୍ମିତା ନାଥ ପ୍ରମୁଖ ଯୋଗଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ସୁଭଦ୍ରା ଯୋଜନା ସମ୍ପର୍କରେ କହିଥିଲେ। ମହିଳାଙ୍କ କର୍ତ୍ତବ୍ୟ, ତ୍ୟାଗ ସର୍ବଦା ବନ୍ଦନୀୟ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ଏଥିସହିତ ଜିଲାର ଶ୍ରେଷ୍ଠ ସିଡିପିଓ, ସୁପରଭାଇଜର, ଏଡବ୍ଲ୍ୟୁଡବ୍ଲ୍ୟୁ, ଏଡବ୍ଲ୍ୟୁଏଚ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି ପରିଚାଳନା କରିଥିଲେ।

# ମାସିକ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ବୈଠକ

ଟାଙ୍ଗୀ,୮।୩(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ୧୫ତମ ବାର୍ଷିକ ବୈଠକ ହରିପୁରସ୍ଥିତ ଉଗ୍ରତାରା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋଷ୍ଠୀଶିକ୍ଷା ଅଧିକାରୀ ବନଲତା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିରାକାରପୁର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ନିଗ୍ଧା ଛୋଟରାୟ, ବଳରାମ ଦେବ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ସିଆର୍‌ସିସି ଦେବାନନ୍ଦ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ଗଦାଧର ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ଅଧିବେଶନରେ ଗତ ବୈଠକରେ ଆଲୋଚନା ହୋଇଥିବା ପ୍ରସ୍ତାବ, ନିଆଯାଇଥିବା ନିଷ୍ପତ୍ତି କ'ଣ କାର୍ଯ୍ୟକାରୀ ହୋଇଛି, ବିଦ୍ୟାଳୟ କୋଠାକୁ ରଙ୍ଗ ଦେବା ପାଇଁ ଆସିଥିବା କଲରକୋଡ୍, ପୂର୍ବତନ ଛାତ୍ରୀଛାତ୍ରଙ୍କ ସମ୍ପୃକ୍ତି କାର୍ଯ୍ୟକ୍ରମ, ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍କର୍ଷ କାର୍ଯ୍ୟକ୍ରମ, ନୂତନ ଶିକ୍ଷା ନୀତି -୨୦୨୦ ଅନୁଯାୟୀ ଏପ୍ରିଲ ୨ରେ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ନୂତନଭାବେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ନାମଲେଖା ପାଇଁ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣପତ୍ର ମାର୍ଚ୍ଚ ୧୭ରୁ ୧୯ ତାରିଖ ମଧ୍ୟରେ ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନରେ ଉପସ୍ଥିତ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଆୟୋଜକ ବିଦ୍ୟାଳୟ ପରିଦର୍ଶନ କରି ଇ-ଲାଇବ୍ରେରି, ବିଜ୍ଞାନ ଗୃହ ଲାବୋରେଟୋରୀ, ସ୍ମାର୍ଟ ଶ୍ରେଣୀଗୃହ, ଖେଳପଡିଆ, ପାନୀୟଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଡମଣଭୂଇ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଲୋକ ଛୋଟରାୟ, ଓଳସିଂ ଦାଶରଥି ଉଚ୍ଚ ବିଦ୍ୟାଳୟର ମହେଶ୍ୱର ମାଝୀ, କମାଗୁରୁ ଉଚ୍ଚ ବିଦ୍ୟାଳୟର ମଧୁସୂଦନ ସୁନ୍ଦରାୟ, ରମାବିଲ ଉଚ୍ଚ ବିଦ୍ୟାଳୟର ବଳରାମ ପାଇକରାୟ, ଟାଙ୍ଗୀ ବାଳିକା ଉଚ୍ଚବିଦ୍ୟାଳୟର ସୁରେଶ ଚନ୍ଦ୍ର ବେହେରା, ଜୟ ମଙ୍ଗଳପୁର ଉଚ୍ଚ ବିଦ୍ୟାଳୟର ରୀତା ଧଳ, କୁହୁଡି ଜନତା ଉଚ୍ଚ ବିଦ୍ୟାଳୟର ରଘୁନାଥ ସ୍ୱାଇଁ, ପଦ୍ମ କୁମୁଦ ବିଦ୍ୟା ନିକେତନର ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ବଡ଼ପାରୀ ଉଚ୍ଚ ବିଦ୍ୟାଳୟର ପ୍ରଭାକର ଜୟ ସିଂଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ।

# ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅନ୍ତର୍ଜାତୀୟ ମହିଳା ଦିବସ**

ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କୋର୍ଟ ପରିସରରେ ତାଲୁକ ଆଇନ କମିଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲାଜଜ୍ ରଞ୍ଜୁଲତା ଲେଙ୍କା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ଜଜ୍ ସ୍ୱାଗତୀ ଦାସ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ସୁଷମା ସ୍ୱାଇଁ, ମହିଳା କୋର୍ଟ ଜଜ୍ ରେଖାରାଣୀ ନାୟକ, ଦେୱାନୀ ଜଜ୍ ରାଜେଶ ରୋଶନ ନନ୍ଦ, ଦୌରାଜଜ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଦେୱାନି ଜଜ୍ କନିଷ୍ଠ ଶ୍ରୀପର୍ଣ୍ଣା ମହାପାତ୍ର, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ସିଜିଏମ୍ ଶରତ ଚନ୍ଦ୍ର ଜେନା, ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିଜୟ ସାମନ୍ତସିଂହାର, ପ୍ରାଣକୃଷ୍ଣ ଦଳବେହେରା, ବିକ୍ରମ କେଶରୀ ଚମ୍ପତି, ଲୋତକବିନ୍ଦୁ ପଟ୍ଟନାୟକ, ନୃସିଂହ ମିଶ୍ର, ବ୍ରଜବନ୍ଧୁ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନାରୀ ସୁରକ୍ଷା ଅଧିକାର ଆଇନରେ କ'ଣ ବ୍ୟବସ୍ଥା ରହିଛି ତାହା ବୁଝାଇଥିଲେ। ଏହାକୁ ତାଲୁକ ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ଅଙ୍ଗନୱାଡି କର୍ମୀ, ଆଇନ ଛାତ୍ରୀଛାତ୍ର, ଆଇନଜୀବୀମାନେ ଉପସ୍ଥିତ ଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ହରିପୁରସ୍ଥିତ ପ୍ରତାପେଶ୍ୱର ଦେବ ପ୍ରାଥମିକ କୃଷି ସମବାୟ ସମିତି ଲିଃ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ହରିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳଭଦ୍ର ବଳବନ୍ତରାୟ ସମବାୟ ପତାକା ଉତ୍ତୋଳନ କରିଥିଲେ। ସମବାୟ ସମିତିର ସଭ୍ୟାସଭ୍ୟ ଏବଂ ହରିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ମହିଳା ବିଶ୍ୱ ଭାରତୀ ମହାସଂଘର ସମ୍ପାଦିକା ନିରୁପମା ପରିଡ଼ାଙ୍କ ନେତୃତ୍ୱରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲା ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ଶିକ୍ଷାବିତ୍ ହରିବନ୍ଧୁ ଜେନା, ଗ୍ରାମ୍ୟ ସଭାପତି ବସନ୍ତ ଜେନା, ଆଦିତ୍ୟ ପାଇକରାୟ, ଅଶୋକ ପଟ୍ଟନାୟକ, ପୂର୍ବତନ ସମବାୟ ସମିତିର ସଭାପତି ଗୋଦାବରୀଶ ବେହେରା, ସଦାନନ୍ଦ ସାମନ୍ତରାୟ, କେଳୁଚରଣ ପରିଡ଼ାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସମବାୟ ସମିତିର ସଦସ୍ୟ ଚିତ୍ତରଞ୍ଜନ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ।



ଜଟଣୀ ପୌରପରିଷଦ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବାଲୁଗାଁ,(ସଂଗ୍ରାମ ପାଇକରାୟ):** ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ ପକ୍ଷରୁ ମିଳିତଭାବେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧ୍ୟାପିକା ଡ.ମୋନାଲିସା ମାନସିଂ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରୀନା ରାଉତ, ରେଡ୍‌କ୍ରସ ଅଧିକାରୀ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ପ୍ରମୁଖ ମତବ୍ୟକ୍ତ କରିଥିଲେ। ପତିତପାବନ ପଣ୍ଡା, ବନ୍ଦନା ଦାସ, କୀର୍ତ୍ତିମୟୀ ବାରିକ ବିଶ୍ୱ ମହିଳା ଦିବସର ବାର୍ତ୍ତା ବିଶ୍ଳେଷଣ କରିଥିଲେ। ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ ଧନ୍ୟବାଦ ଦେଇଥିଲେ।

**ବାଣପୁର,(ଦିଲୀପ କୁମାର ସ୍ୱାଇଁ):** ଏକତା ପରିଷଦ ଟ୍ରଷ୍ଟ ସଙ୍ଗଠନ ପକ୍ଷରୁ ବରବରା ପଞ୍ଚାୟତର ଲୋଧଭୂଇଁଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଆଲୋଚନାଚକ୍ରରେ ଏକତା ପରିଷଦ ଟ୍ରଷ୍ଟର ମୁଖ୍ୟ ସନ୍ଧ୍ୟା ଦେବୀ ସଭାପତିତ୍ୱ କରିଥିଲେ। ମାଳତି ଯାନୀ ସଭା ପରିଚାଳନା କରିଥିଲେ। ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ମା'ମାନଙ୍କ ଅଧିକାର ଓ ସୁରକ୍ଷା ନେଇ ବିଭିନ୍ନ ଆଇନ ସମ୍ପର୍କରେ ସଚେତନତା କରାଯାଇଥିଲା। ଚୁନି ଦାସ, ସନ୍ଧ୍ୟାରାଣୀ ବେହେରା, ଆରତୀ ନାୟକ, ଟିଟୁ ରାଉତ, ପ୍ରମୁଖ ସହଯୋଗ କରିଥିଲେ।

**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ପୌରାଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀ, ସତୀଶ ଶର୍ମା, ବିଘ୍ନେଶ ବଳବନ୍ତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ମହିଳା, ଆଶାକର୍ମୀ, ପୌର କର୍ମଚାରୀ, ବିଦ୍ୟାଳୟ ଛାତ୍ରୀ ଏବଂ ଆୟୋଜିତ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର 'ଧରିତ୍ରୀ' ପରିବାର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଅନ୍ୟମାନେ।

# 'ଦ୍ରୁତ ଶୁଣାଣି ଉପରେ ତଦନ୍ତକାରୀ ସଂସ୍ଥା ଗୁରୁତ୍ୱ ଦେବା ଆବଶ୍ୟକ'

## ଏସ୍‌ଆଇଟି ବୈଠକ

କଟକ,୮।୩(କାର୍ତ୍ତିକ ସାହୁ)



ଏସ୍‌ଆଇଟି ବୈଠକରେ ବରିଷ୍ଠ ପଦାଧିକାରୀମାନେ ଯୋଗଦେବାକୁ ଯାଉଛନ୍ତି।

କଳାଧନ ଠାବ କରିବା ପରେ ଅଦାଲତରେ ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ଉପରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଗୁରୁତ୍ୱ ଦେବା ଆବଶ୍ୟକ। ତଦନ୍ତକାରୀ ସଂସ୍ଥାଗୁଡ଼ିକ କଳାଧନ ସଂକ୍ରାନ୍ତୀୟ କୌଣସି ମାମଲା ରୁଜୁ କରିବା ପରେ ସେଗୁଡ଼ିକୁ ତୁରନ୍ତ ଟ୍ରାଏଲକୁ ଆଣିବା ଏବଂ ଟ୍ରାଏଲ କୋର୍ଟ ଶୀଘ୍ର ସମାଧାନ କରାଯିବା ଉପରେ ଗୁରୁତ୍ୱ ଦେବାକୁ ସ୍ୱତନ୍ତ୍ର ତଦନ୍ତକାରୀ କମିଟି (ଏସ୍‌ଆଇଟି) ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ କହିଛନ୍ତି।

ଏସ୍‌ଆଇଟିର ବୈଠକ ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ କଟକ ତେଲେଙ୍ଗାବଜାରସ୍ଥିତ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ତଦନ୍ତକାରୀ ସଂସ୍ଥା ମିଳିତ ଭାବେ କାମ କରିବାକୁ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ଗତ ୬ ମାସ ଭିତରେ ଖୁବ୍ ଫଳପ୍ରଦ ହୋଇଛି। ଏହି ସମୟ ମଧ୍ୟରେ ଦୁର୍ନୀତି ସଂକ୍ରାନ୍ତୀୟ ମାମଲା ଆଶାଠାରୁ ଅଧିକ ରୁଜୁ ହୋଇପାରିଛି। ରାଜ୍ୟ ଭିଜିଲାନ୍ସ ବିଭାଗ ବୈଠକରେ ଉପସ୍ଥାପନ କରିଥିବା ରିପୋର୍ଟ ଉପରେ ଜଷ୍ଟିସ ପଶାୟତ ସନ୍ତୋଷ ପ୍ରକାଶ କରିଛନ୍ତି। ଅଦାଲତରେ ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ଉପରେ ଗୁରୁତ୍ୱାରୋପ କରିବାକୁ ଜଷ୍ଟିସ ପଶାୟତ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଆଇଟି ପକ୍ଷରୁ ୧୦ଟି ଅନ୍ତରୀଣ ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇସାରିଛି। ଆସନ୍ତା ଜୁଲାଇ ସୁଦ୍ଧା ଆଉ ଏକ ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଦାଖଲ କରାଯିବ ବୋଲି ଜଷ୍ଟିସ ପଶାୟତ କହିଛନ୍ତି।

ଏବେ ବହୁ ଯୁବପିଢ଼ି ଅନ୍‌ଲାଇନ୍ ଗେମିଂ ଆପ୍‌ରେ ଠକେଇର ଶିକାର ହେଉଛନ୍ତି। ଏହାକୁ ନିୟନ୍ତ୍ରଣ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି। ଏଥିପାଇଁ ସାମାଜିକ ସଚେତନତା ଦରକାର ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ଚଳିତବର୍ଷ ରାଜ୍ୟରେ ବ୍ୟାପକ ଗଞ୍ଜେଇ ନଷ୍ଟ କରାଯାଇଛି। ବେଆଇନ ନିଶା କାରବାର ସମ୍ପର୍କିତ ବହୁ ମାମଲା ରୁଜୁ ହୋଇଛି। ଦୁର୍ନୀତି ନିବାରଣ କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି ବୋଲି ବିଭିନ୍ନ ବିଭାଗର ରିପୋର୍ଟରୁ ଜଣାପଡିଥିବା ଜଷ୍ଟିସ ପଶାୟତ କହିଛନ୍ତି। ସରକାର ଏକ ଏଜେନ୍ସି ମାଧ୍ୟମରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହି କାର୍ଯ୍ୟ କରୁଛି। ଦେଶରେ ବଢ଼ିଚାଲିଥିବା ଜିଏସ୍‌ଟି ଠକେଇ, ଅନ୍‌ଲାଇନ୍ ଠକେଇକୁ ରୋକିବା ଦିଗରେ ବ୍ୟାପକ ପଦକ୍ଷେପ ସହିତ ଜନସଚେତନତା ବୃଦ୍ଧି କରିବା ଲାଗି ସେ ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସିବିଆଇ ଡିଆଇଜି ସି. ଭି. ଶୁଭାରେଡ୍ଡୀ, ଇଡି ନିର୍ଦ୍ଦେଶକ ରାହୁଲ ନବୀନ, ଇଡି ଉପନିର୍ଦ୍ଦେଶକ ଡ. ରାହୁଲ ଲତିୟାଲ, ଇଡି ଭୁବନେଶ୍ୱର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ, ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. କେ. ଜେଠୱା, ଡିଆର୍‌ଆଇ ଡିଜି ଅଭୟ କୁମାର ଶ୍ରୀବାସ୍ତବ, ଭିଜିଲାନ୍ସ ଏସ୍‌ପି ଏମ୍. ରାଧାକ୍ରିଷ୍ଣ, କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର, ବରିଷ୍ଠ ଅଧିକାରୀ ରବି ଅଗ୍ରୱାଲ, ରାଜେଶ ପାଣ୍ଡେ, ଶଶିଭୂଷଣ ଶୁକ୍ଳା, ରାଜର୍ଷି କୁମାର, ହିତେଶ ଗୋଡାକ୍ସ, ଅକ୍ଷୟ କୁମାର ପାଟଯୋଶୀ ଯୋଗଦେଇଥିଲେ।

# ଦିନକ ପାଇଁ ପ୍ରଧାନମନ୍ତ୍ରୀଙ୍କ 'ଏକ୍ସ' ଆକାଉଣ୍ଟ ସମ୍ଭାଳିଲେ ଓଡ଼ିଆ ଝିଅ ଏଲିନା

## ନାରୀଶକ୍ତିକୁ ପ୍ରଣାମ ଜଣାଇଲେ ମୋଦି

ଭୁବନେଶ୍ୱର,୮।୩(ସୌମ୍ୟରଞ୍ଜନ ରାଉତ)







ପରମାଣୁ ବିଜ୍ଞାନୀ ଏଲିନା ମିଶ୍ର। ପ୍ରଧାନମନ୍ତ୍ରୀଙ୍କ 'ଏକ୍ସ' ଆକାଉଣ୍ଟରେ ଏଲିନା ଓ ଶିଳ୍ପୀଙ୍କ ପୋଷ୍ଟ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନାରୀଙ୍କୁ ସମ୍ମାନ ଓ ଅଗ୍ରାଧିକାର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାଙ୍କୁ ଦିନକ ପାଇଁ ନିଜ 'ଏକ୍ସ' ଆକାଉଣ୍ଟ ସମ୍ଭାଳିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ମୋଦି ନିଜ ପୋଷ୍ଟରେ ଉଲ୍ଲେଖ କରି ଲେଖିଥିଲେ, ମହିଳା ଦିବସରେ ଆମର ନାରୀଶକ୍ତିକୁ ପ୍ରଣାମ। ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଆମ ସରକାର ସର୍ବଦା କାର୍ଯ୍ୟ କରିଆସୁଛି, ଯାହାକି ଆମର ଯୋଜନା ଏବଂ କାର୍ଯ୍ୟକ୍ରମରେ ପ୍ରତିଫଳିତ ହୋଇଛି। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ମୋ ସୋସିଆଲ ମିଡିଆ ଆକାଉଣ୍ଟକୁ ବିଭିନ୍ନ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଥିବା ମହିଳାଙ୍କ ଦ୍ୱାରା ପରିଚାଳନା କରାଯିବ ବୋଲି ମୋଦି କହିଛନ୍ତି। ସେହି ଅନୁସାରେ, ଓଡ଼ିଆ ପରମାଣୁ ବିଜ୍ଞାନୀ ଏଲିନା ମିଶ୍ର ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ଭାଳି ନିଜ କାର୍ଯ୍ୟ ଏବଂ ଆକାଂକ୍ଷା ଉପରେ ଏକ ପୋଷ୍ଟ କରିଛନ୍ତି। 'ମୁଁ ଏଲିନା ମିଶ୍ର, ଓଡ଼ିଶାର ଭୁବନେଶ୍ୱରର ବାସିନ୍ଦା। ମୁଁ ଏକ ଦୃଢ଼ ଶିକ୍ଷାଗତ ପୃଷ୍ଠଭୂମି ଥିବା ପରିବାରରୁ ଆସିଛି, ଯାହାକି ମୋତେ ବିଜ୍ଞାନ ଶିଖିବା ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥିଲା। ବିଜ୍ଞାନ ପ୍ରତି ବାପାଙ୍କ ଆଗ୍ରହ ଏବଂ ଅନୁସନ୍ଧାନ ମୋର ପ୍ରେରଣା ଥିଲା। ବାପାଙ୍କୁ ନିଜ ଅନୁସନ୍ଧାନ ଦିଗରେ ନିରନ୍ତର କାର୍ଯ୍ୟ କରିଥିବା ଦେଖିଥିଲି। ଏବେ ମୋତେ ବୈଦ୍ୟୁତିକ ଚୁମ୍ବକୀୟତା, ଆକ୍ସିଲରେଟର ପଦାର୍ଥ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଟିମ୍ ସହିତ କାମ କରିବାକୁ ସୁଯୋଗ ମିଳିଛି। ଏଥିପାଇଁ ମୁଁ ନିଜକୁ ଭାଗ୍ୟଶାଳୀ ବୋଲି ଭାବୁଛି। ସେହିପରି ମୋଦିଙ୍କ ଏକ୍ସ ଆକାଉଣ୍ଟ ସମ୍ଭାଳିଥିବା ଶିଳ୍ପୀ ସୋନି ମଧ୍ୟ ଏନେଇ ପ୍ରଧାନମନ୍ତ୍ରୀଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ନିଜ ବିଷୟରେ ଉଲ୍ଲେଖ କରିଛନ୍ତି। ଶିଳ୍ପୀ ମଧ୍ୟପ୍ରଦେଶ ସାଗରର ଅଧିବାସୀ ହୋଇଥିବାବେଳେ ବୃତ୍ତିରେ ଜଣେ ମହାକାଶ ବିଜ୍ଞାନୀ। ଏଥିସହ ସେ ଡିଆର୍‌ଡିଓ ଓ ଇସ୍ରୋରେ କାମ କରିବା ସମୟର ଅନୁଭୂତି ବାଣ୍ଟିଛନ୍ତି। ଜିଏସ୍‌ଏଟି-୨୨/୨୩ ଯୋଗାଯୋଗ ଅପ୍‌ଲୋଡ ଲାଗି ଆସୋସିଏଟ୍ ପ୍ରୋଜେକ୍ଟ ନିର୍ଦ୍ଦେଶକ ଭାବରେ ସେ କାର୍ଯ୍ୟ କରୁଥିବା ଲେଖିଛନ୍ତି।

# ସୋସିଆଲ ମିଡିଆରେ ମହିଳା ଉପମୁଖ୍ୟମନ୍ତ୍ରୀଙ୍କୁ ଅଶ୍ଳୀଳ ମନ୍ତବ୍ୟ

ଭୁବନେଶ୍ୱର, ୮।୩ (ସୂର୍ଯ୍ୟକାନ୍ତ ବେହେରା)

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ମନ୍ତବ୍ୟ ଦେଇ ଜଣେ ବ୍ୟକ୍ତି ପୋଷ୍ଟ କରିଛନ୍ତି। ଖରାପ ମନ୍ତବ୍ୟ ଦେଇଥିବା ବ୍ୟକ୍ତି ଜଣଙ୍କ ହେଲେ ବାଲେଶ୍ୱରର ମନୋଜ ନାୟକ। ଫେସ୍‌ବୁକ୍ ମାଧ୍ୟମରେ ପୋଷ୍ଟ କରିଥିବା ଅଭିଯୋଗ ସଂକ୍ରାନ୍ତରେ ଭାଜପା କର୍ମୀଙ୍କ ପକ୍ଷରୁ ପୁରୀ ସାଇବର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଏପଟେ ଭାଜପାର

### ଅଭିଯୁକ୍ତଙ୍କ ଗିରଫ ଦାବିକଲେ ଭାଜପା ଯୁବମୋର୍ଚ୍ଚା

ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଘଟଣା ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଏହାସହ ମହିଳା ଦିବସରେ ମହିଳା ଉପମୁଖ୍ୟମନ୍ତ୍ରୀଙ୍କୁ ଏଭଳି ମନ୍ତବ୍ୟ ଦେବା ନିନ୍ଦନୀୟ ଘଟଣା। ତେଣୁ ଉକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ ଦାବି କରିଛି ଭାଜପା ଯୁବମୋର୍ଚ୍ଚା।

# 'ସୁଭଦ୍ରା' ସଫଳତାକୁ ନେଇ ଖୁସିବ୍ୟକ୍ତ କଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୮।୩(ଅନୁରାଧା ମହାରଣା)

ରାଜ୍ୟରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା 'ସୁଭଦ୍ରା'ର ସଫଳତାକୁ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାର ମାଆ ଭଉଣୀମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରିବା ପାଇଁ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୧ କୋଟିରୁ ଊର୍ଦ୍ଧ୍ୱ ହୋଇଛି। ଓଡ଼ିଶାରେ ମହିଳା ସଶକ୍ତୀକରଣ ପ୍ରତି ରାଜ୍ୟ ସରକାର ନେଇଥିବା ସଂକଳ୍ପ ଏବେ ବାସ୍ତବତା ଦିଗକୁ ଅଗ୍ରସର ହେଉଛି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟୀ



@ ମୃତ୍ୟୁଞ୍ଜୟ



@ ଅରବିନ୍ଦ





@ ପିଙ୍କିନା



@ ସୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୮,୯୬,୫୬,୦୦୦ଟଙ୍କା ଆଦାୟ ୧,୬୯,୦୨୪ ମାମଲା ଫଇସଲା



ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ବିଭିନ୍ନ ମାମଲାର ଫଇସଲା କରୁଛନ୍ତି।

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୮।୩(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଚଳିତବର୍ଷର ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୯୧ଟି ମାମଲାର ଫଇସଲା ହୋଇ ୮,୯୬,୫୬,୦୦୦ଟଙ୍କା କ୍ଷତିପୂରଣ ବାବଦରେ ଆଦାୟ କରାଯାଇଛି। ସେଥିମଧ୍ୟରେ ବୀମା କ୍ଷତିପୂରଣ, ଚାକିରି ବିବାଦ, ଫୌଜଦାରି, ଜମିଜମା ବିବାଦ ଆଦି ମାମଲା ଆପୋସ ସହମତି ଭିତ୍ତିରେ ଫଇସଲା କରାଯାଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରନ-ଇନ୍-ଚିଫ୍ ତଥା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଚାରପତି ସଙ୍ଗମ କୁମାର ସାହୁଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ବିଚାରପତି ସଙ୍ଗମ କୁମାର ସାହୁ, ବିଚାରପତି ସାବିତ୍ରୀ ରଥ, ବିଚାରପତି ମୃଗାଙ୍କ ଶେଖର ସାହୁ, ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ବିଚାରପତି ବି.ପି. ଶତପଥୀ, ବିଚାରପତି ମୁରାହରି ଶ୍ରୀରମଣ, ବିଚାରପତି ସଞ୍ଜୟ କୁମାର ମିଶ୍ର, ବିଚାରପତି ଗୌରୀଶଙ୍କର ଶତପଥୀ ଓ ବିଚାରପତି ଶିବ ଶଙ୍କର ମିଶ୍ର ଲୋକ ଅଦାଲତର ବିଭିନ୍ନ ବେଞ୍ଚରେ ମାମଲା ଫଇସଲା କରିଥିଲେ।

## ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୮।୩(କାର୍ତ୍ତିକ ସାହୁ)

ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ସମଗ୍ର ରାଜ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟର ୩୦ଟି ଜିଲା କୋର୍ଟ, କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, କଟକସ୍ଥିତ ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ, ଭୁବନେଶ୍ୱରର ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଏଜୁକେଶନ ଟ୍ରିବ୍ୟୁନାଲରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ପରିଚାଳିତ ହୋଇଥିଲା।

ଚଳିତବର୍ଷ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୧,୬୯,୦୨୪ ମାମଲା ଫଇସଲା ହୋଇଛି। ସେଥିମଧ୍ୟରେ କୋର୍ଟରେ ପଡ଼ିରହିଥିବା ୧୬,୨୭୬ଟି ମାମଲା, ରାଜସ୍ୱ ସଂକ୍ରାନ୍ତୀୟ ୧,୪୫,୫୦୮ ଏବଂ ପ୍ରାକ୍ ଅଦାଲତସ୍ତରୀୟ ୭,୨୪୦ଟି ମାମଲାର ଫଇସଲା କରାଯାଇଛି। କୋର୍ଟରେ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ଫୌଜଦାରି ୨୪୬, ଏନ୍‌ଆଇ ଆକ୍ଟ ୧୩୮ ଧାରାରେ ୧୪୭୨, ଅର୍ଥ ଆଦାୟ ୫୭୯, ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ୮୭୫, ଶ୍ରମ ବିବାଦ ୩୦, ଜନ ବ୍ୟବହାର୍ଯ୍ୟ ବିବାଦ ୧୩, ବୈବାହିକ ବିବାଦ ୪୭୬, ଜମିଜମା ୫, ଖାଉଟି ବିବାଦ ୧୫, ଦେୱାନୀ ୧୩୫୫, ଅନ୍ୟ ଫୌଜଦାରି ୧୧,୧୮୯, ଋଣ ଆଦାୟ ଟ୍ରିବ୍ୟୁନାଲ ୪, ଖାଉଟି ଆୟୋଗ ୨ ଓ ରାଜ୍ୟ ଏଜୁକେଶନ ଟ୍ରିବ୍ୟୁନାଲର ୧୫ଟି ମାମଲା ରହିଛି। ମାମଲାଗୁଡ଼ିକର ଫଇସଲାରୁ କ୍ଷତିପୂରଣ ସମେତ ଅନ୍ୟାନ୍ୟ ବାବଦରେ ଆଦାୟ ହେବାକୁ ୧୭୯, ୯୧, ୪୩, ୮୮୫ ଟଙ୍କା ସ୍ଥିରୀକୃତ ହୋଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

